

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:147+21 September 2026 (Monday)+Rourkela +Rs.2.00 +Page -1 +୨୨ ବର୍ଷ+ସଂଖ୍ୟା:୧୪୭+୨୧ ସେପ୍ଟେମ୍ବର ୨୦୨୬ (ସୋମବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୧

# ପୁଣି ଉତର କୋରିଆର ବାଲିଷ୍ଟିକ୍ ମିସାଇଲ୍ ପରୀକ୍ଷଣ



## ଜାପାନ-ଦକ୍ଷିଣ କୋରିଆରେ ବଢ଼ିଲା ସତର୍କତା

ନୂଆଦିଲ୍ଲୀ,୨୦।୯: ଉତର କୋରିଆ ପୁଣି ଥରେ ଲଚଂ କରିଛି ବାଲିଷ୍ଟିକ୍ ମିସାଇଲ୍। ରବିବାର କୋରିଆ ଉପଦ୍ୱୀପର ପୂର୍ବ ଦିଗର ସମୁଦ୍ର ଆଡ଼କୁ ଏହି ମିସାଇଲ୍ ମାଡ଼ କରାଯାଇଥିବା ଜଣାପଡ଼ିଛି। ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ଦକ୍ଷିଣ କୋରିଆର ସେନା ଏହି ଲଚଂ ବିଷୟରେ ସୂଚନା ଦେଇଛନ୍ତି। ଦକ୍ଷିଣ କୋରିଆର ଜଏଟଂସ୍ ଚିଫ୍ସ ଅଫ୍ ଷ୍ଟାଫ୍ କହିଛି ଯେ, ଉତର କୋରିଆରୁ ଇଷ୍ଟ ସି ବା ଜାପାନ ସାଗର ଦିଗକୁ ଏକ ପ୍ରୋଜେକ୍ଟାଇଲ୍ ଛଡ଼ାଯାଇଥିବା ଚିହ୍ନଟ କରାଯାଇଛି। ତେବେ ଲଚଂ ସମ୍ପର୍କରେ ଆରମ୍ଭରେ ଅଧିକ ବିବରଣୀ ଦିଆଯାଇନଥିଲା। ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାକୁ ସମ୍ଭାବ୍ୟ ବାଲିଷ୍ଟିକ୍ ମିସାଇଲ୍ ବୋଲି କହିଛି। ଜାପାନର ସରକାରୀ ପ୍ରସାରଣ ସଂସ୍ଥା ଘଏଁକ ଅନୁସାରେ, ମିସାଇଲ୍‌ଟି ଜାପାନର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍ ବା ଋରତ ବାହାରେ ପଡ଼ିଥିବା ଜଣାପଡ଼ିଛି। ଜାପାନର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ ଲଚଂ ସମ୍ପର୍କରେ ଆଲର୍ଟ ଜାରି କରିଥିଲା। ଘଟଣା ପରେ ସମ୍ଭାବ୍ୟ ବିପଦ ଉପରେ ନଜର ରଖାଯାଇଥିଲା। ଆମେରିକୀୟ ମିଡିଆ ଇଚ ଅନୁସାରେ, ଦକ୍ଷିଣ କୋରିଆର ସେନା କହିଛି ଯେ ମିସାଇଲ୍‌ଟି ପ୍ରାୟ ୪୫୦ କିଲୋମିଟର ଦୂରତା ଅତିକ୍ରମ କରି ପୂର୍ବ ଦିଗର ସମୁଦ୍ର ଆଡ଼କୁ ଯାଇଥିଲା। ଦକ୍ଷିଣ କୋରିଆ ଏହି ଘଟଣା ପରେ ଆମେରିକା ଓ ଜାପାନ ସହ ତଥ୍ୟ ଆଦାନପ୍ରଦାନ ଜାରି ରଖିଛି। ଏହା ପ୍ରଥମ ଥର ନୁହେଁ। ପ୍ରାୟ ଏକ ସପ୍ତାହ ପୂର୍ବରୁ, ସେପ୍ଟେମ୍ବର ୧୨ରେ ମଧ ଉନ୍ନର କୋରିଆ ଓ୍ୱନସାନ୍ ଅଚଂଳରୁ ଇଷ୍ଟ ସି ଦିଗକୁ ଏକାଧିକ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ୍ ଲଚଂ କରିଥିଲା। ସେହି ସମୟରେ ଉତର କୋରିଆର ଏଭଳି ପରୀକ୍ଷଣକୁ ଆମେରିକା, ଦକ୍ଷିଣ କୋରିଆ ଓ ଜାପାନର ସାମରିକ କାର୍ଯ୍ୟକଳାପ ସହ ଯୋଡ଼ି ଦେଖାଯାଇଥିଲା। ନିକଟରେ ଆମେରିକା ନେତୃତ୍ୱରେ ଦକ୍ଷିଣ କୋରିଆ ଓ ଜାପାନକୁ ସାମିଲ କରି ଏକ ନୌସେନା ଅଭ୍ୟାସ ହୋଇଥିଲା। ଏହି ଅଭ୍ୟାସକୁ ନେଇ ଉତର କୋରିଆ ଆପତି ଜଣାଇଥିଲା। ଉନ୍ନର କୋରିଆର ନେତା କିମ୍ ଜୋଙ୍ଗ ଉନ୍‌ଙ୍କ ଭଉଣୀ କିମ୍ ୟୋ ଜୋଙ୍ଗ ଆମେରିକା ନେତୃତ୍ୱାଧୀନ ସାମରିକ ଅଭ୍ୟାସକୁ କୋରିଆ ଉପଦ୍ୱୀପରେ ବଢୁଥିବା ଉନ୍ନେଜନାର ଏକ କାରଣ ବୋଲି ଅଭିଯୋଗ କରିଛନ୍ତି। ଉତର କୋରିଆ ନିଜର ପରମାଣୁ ଅସ୍ତ୍ର କ୍ଷମତାକୁ ଆହୁରି ମଜବୁତ କରିବା ନୀତିରେ ପରିବର୍ତନ କରିବ ନାହିଁ

ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com

# ଓଡିଶା ଗସ୍ତରେ ଛତିଶଗଡ ମୁଖ୍ୟମନ୍ତ୍ରୀ

## ମହାନଦୀ ପ୍ରସଙ୍ଗରେ ହୋଇପାରେ ଆଲୋଚନା



ଭୁବନେଶ୍ୱର,୨୦/୯ (ନି/ପ୍ର): ଆଜିଠାରୁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ । ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନକୁ ଯିବେ ବିଷ୍ଣୁ ଦେଓ ସାଏ । ସେଠାରେ ଏକ ଘଟାଂ ୧୫ ମିନିଟ ରହିବେ ଛତିଶଗଡ ମୁଖ୍ୟମନ୍ତ୍ରୀ । ଏହି ସମୟରେ ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା ହୋଇପାରେ । ମହାନଦୀ ପ୍ରସଙ୍ଗରେ ଗୁରୁତ୍ୱପୁର୍ଣ୍ଣ ଆଲୋଚନା ହୋଇପାରେ ବୋଲି ମଧ କୁହାଯାଉଛି । ଏହା ପୂର୍ବରୁ ମହାନଦୀ ପ୍ରସଙ୍ଗରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀରେ ଭେଟଘାଟ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ ପରେ ଲିଙ୍ଗରାଜ ମନ୍ଦିର ଯାଇ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବେ ବିଷ୍ଣୁ ଦେଓ ସାଏ । ଏହାପରେ ସିଧାସଳଖ ପୁରୀ ଯିବେ ଓ ସେଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ରାତ୍ର ରହଣି କରିବେ । ଆସନ୍ତାକାଲି ଭୁବନେଶ୍ୱର ଫେରି ବିମାନବନ୍ଦରରୁ ରାୟପୁର ବାହାରିଯିବେ ଛତିଶଗଡ଼ ସିଏମ୍ ବିଷ୍ଣୁ ଦେଓ ସାଏ ।

# ରୁଷ ଉପରେ ବଡ଼ ଧରଣର ଆକ୍ରମଣ କଲା ୟୁକ୍ରେନ:

## ଗୋଟିଏ ରାତିରେ ୧,୦୦୦ରୁ ଅଧିକ ଡ୍ରୋନ୍ ମାଡ଼



କିଭ୍,୨୦/୯: ୟୁକ୍ରେନ ଏବଂ ରୁଷ ମଧ୍ୟରେ ଚାଲିଥିବା ବିବାଦ ମଧ୍ୟରେ ଏକ ଭୟଙ୍କର ଘଟଣା ସାମ୍ନାକୁ ଆସିଛି। ୟୁକ୍ରେନୀୟ ସେନା ସାରା ରାତି ୧,୦୦୦ ରୁ ଅଧିକ ଡ୍ରୋନ୍ ମାଡ଼ କରିଛି। ରୁଷରେ ସଂସଦ ନିର୍ବାଚନ ଜାରି ରହିଥିବାବେଳେ ୟୁକ୍ରେନ ପକ୍ଷରୁ ଅନେକ ଅଚଂଳକୁ ଟାର୍ଗେଟ କରାଯାଇଛି। ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ରୁଷ ଅଧିକାରୀ ଏବଂ ମସ୍କୋର ମେୟର ଏହାକୁ ରାଜଧାନୀ ଉପରେ ସବୁଠାରୁ ବଡ଼ ଆକ୍ରମଣ ବୋଲି କହିଛନ୍ତି। ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦେଶର ବିଭିନ୍ନ ଅଂଶ, ବେଆଇନ ଭାବରେ ସଂଲଗ୍ନ କ୍ରିମିୟାନ୍ ଉପଦ୍ୱୀପ ଏବଂ କୃଷ୍ଣ ସାଗରରେ ୧,୧୦୦ରୁ ଅଧିକ ୟୁକ୍ରେନୀୟ ଡ୍ରୋନ୍‌କୁ ନଷ୍ଟ କରିଦେଇଛି। ମସ୍କୋ ମେୟର ସେରଗେଇ ସୋବୟାନିନ୍ ନିଶ୍ଚିତ କରିଛନ୍ତି, ରାଜଧାନୀ ଅଭିମୁଖେ ଯାଉଥିବା ପ୍ରାୟ ୪୫୦ ଡ୍ରୋନ୍‌କୁ ମଝି ଆକାଶରେ ଗୁଳି କରି ଖସାଇ ଦିଆଯାଇଛି। ତେବେ ଆକ୍ରମଣ ସମୟରେ କିଛି ଡ୍ରୋନ୍ ମସ୍କୋର ଏକ ତୈଳ ବିଶୋଧନାଗାର ଏବଂ ଏକ ଆବାସିକ କୋଠାରେ ଆକ୍ରମଣ କରିଛନ୍ତି। ଆକ୍ରମଣ ରୁଷର ଯୁଦ୍ଧ ପରବର୍ତୀ ପ୍ରଥମ ସଂସଦୀୟ ନିର୍ବାଚନର ତୃତୀୟ ଏବଂ ଶେଷ ଦିନରେ ଘଟିଛି। ମସ୍କୋର ମେୟର ଏହି ଆକ୍ରମଣକୁ ନିର୍ବାଚନ ପ୍ରକ୍ରିୟାକୁ ସିଧାସଳଖ ବାଧା ଦେବା ପାଇଁ ଏକ ସୁଚିନ୍ତିତ ପ୍ରୟାସ ବୋଲି କହିଛନ୍ତି। ସେ ଦାବି କରିଛନ୍ତି, ଶତ୍ରୁ ଘୃଣ୍ୟ ଷଡ଼ଯନ୍ତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ଏବଂ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି।

# ଫ୍ଲାଇଓଭରରୁ ତଳକୁ ଖସିପଡ଼ିଲା ବିଏମଡବ୍ଲ୍ୟୁ:

## ୩ ମୃତ, ୧ ଗୁରୁତର



ମୁମ୍ବାଇ,୨୦/୯: ମୁମ୍ବାଇ କୋଷ୍ଟାଲ୍ ରୋଡ୍ ବ୍ରିଜରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି। ସୁପରଫାଷ୍ଟ ବିଏମଡବ୍ଲ୍ୟୁ କାର୍ ବ୍ରିଜ୍ ଉପରୁ ନିୟନ୍ତ୍ରଣ ହରାଇ ତଳକୁ ଖସିପଡ଼ିବା ଫଳରେ ଗାଡ଼ିରେ ଥିବା ୩ ଜଣ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ରବିବାର ଭୋର୍ ପ୍ରାୟ ୫ଟା ୨୦ ମିନିଟରେ ଏହି ଅଭାବନୀୟ ଘଟଣା ଘଟିଥିବା ନେଇ କୋଷ୍ଟାଲ୍ ରୋଡ୍ କଟ୍ରୋଂଲ୍ ରୁମ୍ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, କଳା ରଙ୍ଗର ଏକ ବିଏମଡବ୍ଲ୍ୟୁ କାର୍ ମେରାଇନ୍ ଡ୍ରାଇଭରୁ ହାଜି ଅଲ୍ଲୀ ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ବେଳେ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ଫଳରେ କାରଟି ବ୍ରିଜରୁ ସିଧା ତଳକୁ ଖସିପଡ଼ିଥିଲା। ଦୁର୍ଘଟଣା ପରେ ତୁରନ୍ତ ଗାଡ଼ିରେ ଥିବା ୪ ଜଣ ଯାତ୍ରୀଙ୍କୁ ନିକଟସ୍ଥ ନାୟାର୍ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରୁ ଦୁଇଜଣଙ୍କ ପରିଚୟ ମିଳିପାରିଛି, ସେମାନେ ହେଲେ ୨୧ ବର୍ଷୀୟ ଶନୟ ଗଜଲ୍ ଏବଂ ଜଣେ ୧୭ ବର୍ଷୀୟ ନାବାଳକ।ଅନ୍ୟ ଜଣେ ମୃତ ଯୁବକଙ୍କ ବୟସ ପ୍ରାୟ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣାରେ ଆହତ ହୋଇଥିବା ଚତୁର୍ଥ ଯୁବକ ଗୁରୁତର ଅବସ୍ଥାରେ ହସ୍ପିଟାଲର ଟ୍ରମା ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ମୁମ୍ବାଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

# ବଙ୍ଗୋପସାଗରରେ ବଢ଼ିଲା ବାତ୍ୟା ଆଶଙ୍କା, ୨୨ରେ ଗଭୀର ଅବପାତ, ୨୫ ଯାଏ ଲଗାଣ ବର୍ଷା



ଭୁବନେଶ୍ୱର, ୨୦/୯(ନି/ପ୍ର): ଥାଇଲାଣ୍ଡରେ ଥିବା ଘୂର୍ଣ୍ଣିବଳୟ ଉନ୍ନର ଆଣ୍ଡାମାନ ସାଗରରେ ଲଘୁଚାପ ରୂପ ନେଇସାରିଛି । ପଶ୍ଚିମ-ଉନ୍ନର ପଶ୍ଚିମ ଦିଗକୁ ଗତି କରି ୨୧ ତାରିଖ ବେଳକୁ ଏହା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ । ୨୨ ତାରିଖ ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହୋଇପାରେ । ସମ୍ଭାବ୍ୟ ଗଭୀର ଅବପାତ ପଶ୍ଚିମ-ଉନ୍ନର ପଶ୍ଚିମ ଦିଗରେ ଗତି କରି ୨୩ ତାରିଖ ସକାଳବେଳକୁ ଦକ୍ଷିଣ ଓଡ଼ିଶା-ଉନ୍ନର ଆନ୍ଧ୍ର ଉପକୂଳ ପାଖକୁ ଆସିପାରେ । ଏଭଳି ପୂର୍ବାନୁମାନ ଦେଖାଇଛି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମ୍‌ଡି) । ଏହା ପ୍ରଭାବରେ ରାଜ୍ୟରେ ୨୨ ତାରିଖରୁ ବର୍ଷା ରହିପାରେ। ୨୩ରୁ ୨୫ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଦକ୍ଷିଣ ଓ ଉପକୂଳରେ ଅଧିକ ବର୍ଷା ସମ୍ଭାବନା ଅଛି। ୨୫ ତାରିଖ ବେଳକୁ ପଶ୍ଚିମ ଓଡ଼ିଶା ଓ ପାଖ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ। ୨୨ ତାରିଖ (ମଙ୍ଗଳବାର) ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି। ଗଜପତି,ଗଞ୍ଜାମ,ପୁରୀ,ଖୋର୍ଦ୍ଧା ଓ ନୟାଗଡ଼ର ଗୋଟିଏ ଦୁଇଟି ଜାଗାରେ ପ୍ରବଳରୁ ପ୍ରବଳତର ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର,କଟକ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା,କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ଅଛି। ୨୩ ଓ ୨୪ରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ୨୩ରେ କନ୍ଧମାଳ,ଗଜପତି,ଗଞ୍ଜାମ ଓ ପୁରୀରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି।

# ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କୁ ବିଦାୟ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୦/୯(ନି/ପ୍ର):ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କୁ କମିଶନରେଟ୍ ପୁଲିସର ବିଦାୟ । କମିଶନରେଟ୍ ପୁଲିସ ପକ୍ଷରୁ ତାଙ୍କୁ ଭାବବିହ୍ୱଳ ବିଦାୟ ଦିଆଯାଇଛି । ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଜଗମୋହନ ମୀନା ଦୀର୍ଘ ୧୩ ବର୍ଷ ଧରି ପୁଲିସ ସେବାରେ ରହିଥିଲେ । ୨୦୨୫ ମାର୍ଚ୍ଚ ୫ ତାରିଖରେ ସେ ଭୁବନେଶ୍ୱର ଡିସିପି ଭାବେ ଦାୟିତ୍ୱ ନେଇଥିଲେ । ବ୍ୟକ୍ତିଗତ କାରଣ ଦର୍ଶାଇ ପୁଲିସ ସେବାରୁ ଇସ୍ତଫା ଦେଇ ଘରୋଇ କ୍ଷେତ୍ରରେ ସୁଯୋଗ ଅନ୍ୱେଷଣ କରିବାକୁ ସେ ନିଷ୍ପତି ନେଇଛନ୍ତି । ଜୁଲାଇ ୨୦୨୬ରେ ସେ ଇସ୍ତଫା ଦାଖଲ କରିଥିବା ବେଳେ ଅଗଷ୍ଟରେ ରାଜ୍ୟ ସରକାର ଏହାକୁ ଅନୁମୋଦନ କରିଥିଲେ ।

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପୁଣି ତେଜିଲା:

## ୯ ଦେଶ ପାଇଁ ଷ୍ଟେପ୍ ସତର୍କ ସୂଚନା



ୱାସିଂଟନ/ରିୟାଦ,୨୦/୯: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପୁଣି ତେଜିଛି। ସାଉଦି ଆରବ ଏବଂ ୟେମେନର ହୁତି ମିଲିସିଆଙ୍କ ମଧ୍ୟରେ ଉତେଜନା ଚରମ ସୀମାରେ ପହଚିଂଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଉପସାଗରୀୟ ଅଚଂଳରେ ଥିବା କିମ୍ବା ସେଠାକୁ ଯାତ୍ରା କରୁଥିବା ଆମେରିକୀୟମାନଙ୍କ ପାଇଁ ଏକ ସୁରକ୍ଷା ସତର୍କତା ଜାରି କରିଛନ୍ତି। ଏକ ଆଡଭାଇଜରୀରେ, ଆମେରିକୀୟ ବୈଦେଶିକ ବିଭାଗ ଆମେରିକୀୟମାନଙ୍କୁ ଏହି ଅଚଂଳକୁ କିମ୍ବା ସେହି ଅଚଂଳ ଦେଇ ଯାତ୍ରା କରିବା ବିଷୟରେ ଗମ୍ଭୀରତାର ସହିତ ପୁନର୍ବିଚାର କରିବାକୁ ଅନୁରୋଧ କରିଛି ଏବଂ ବିମାନ ବାତିଲ, ଆକାଶମାର୍ଗ ବନ୍ଦ ଏବଂ ଅନ୍ୟାନ୍ୟ ଯାତ୍ରା ବାଧା ବିଷୟରେ ଚେତାବନୀ ଦେଇଛି। ଏହି ସମୟରେ, ମଧ୍ୟପ୍ରାଚ୍ୟରେ ବଢୁଥିବା ଉନ୍ନେଜନା ଏବଂ ଆମେରିକୀୟ ସ୍ୱାର୍ଥ ପ୍ରତି ବିପଦ ଯୋଗୁଁ, ଆମେରିକା ପଶ୍ଚିମ ଏସିଆର ୯ ଦେଶଗୁଡ଼ିକ ପାଇଁ ଏକ ସ୍ମାର୍ଟ ଟ୍ରାଭେଲର ଏନରୋଲମେଟଂ ପ୍ରୋଗ୍ରାମ(ଷ୍ଟେପ୍) ସତର୍କତା ଜାରି କରିଛି। ସୁରକ୍ଷା ଅପଡେଟ୍ ପାଇବା ପାଇଁ ଆମେରେକୀୟ ନାଗରିକମାନଙ୍କୁ ତୁରନ୍ତ ଷ୍ଟେପରେ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି। ସତର୍କ ସୂଚନାରେ କୁହାଯାଇଛି, ବାହାରିନ, ମିଶର, ଇରାନ, ଇରାକ, ଇସ୍ରାଏଲ, ଅଧିକୃତ ପଶ୍ଚିମ ବ୍ୟାଙ୍କ ଏବଂ ଗାଜା, ଜୋର୍ଡାନ, କୁଏତ, ଲେବାନନ, ଓମାନ, କତାର, ସାଉଦି ଆରବ, ସିରିଆ, ୟୁଏଇ ଏବଂ ୟେମେନ ପାଇଁ ଏହା ପ୍ରଯୁଜ୍ୟ। ଅନ୍ୟ ପକ୍ଷରେ ହୁତିଙ୍କ ଆକ୍ରମଣରେ ସାଉଦି ଆରବ ଥରିବାରେ ଲାଗିଛି। ଇରାନ ସମର୍ଥିତ ୟେମେନି ହୁତି ବିଦ୍ରୋହୀମାନେ ପାକିସ୍ତାନ ଏବଂ ତୁର୍କୀକୁ ସିଧାସଳଖ ଚେତାବନୀ ଦେଇ କହିଛନ୍ତି, ଯଦି ପାକିସ୍ତାନ ଏବଂ ତୁର୍କୀ ସାଉଦି ଆରବକୁ ସମର୍ଥନ କରି ସାମରିକ ଭାବରେ ହସ୍ତକ୍ଷେପ କରନ୍ତି, ତେବେ ସେମାନେ ସାଉଦି ଆରବ ପରି ସମାନ ପ୍ରତିକ୍ରିୟାର ସମ୍ମୁଖୀନ ହେବେ।

# ଦିଲ୍ଲୀ ଗସ୍ତରୁ ଫେରିଲେ ମୁଖ୍ୟମନ୍ତ୍ରୀ: ମାଇନ୍ସ ଇକୋନୋମିରୁ ମାଇଣ୍ଡ ଇକୋନୋମି ଦିଗକୁ ବଢୁଛି ଓଡ଼ିଶା



ଭୁବନେଶ୍ୱର,୨୦/୯(ନି/ପ୍ର):କୃଷିର ବିକାଶ ପାଇଁ ଏ କ୍ଷେତ୍ରର ସାମଗ୍ରିକ ପରିବହନ, ଶୀତଳ ଭଣ୍ଡାର ଓ ଗୋଦାମ ଗୃହ ନିର୍ମାଣ ପାଇଁ ବ୍ୟାପକ ଅର୍ଥର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଅର୍ଥ ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିଲ୍ଲୀରେ ଅନୁଷ୍ଠିତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ସମ୍ମିଳନୀରେ ମତ ରଖିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଲିନ୍ ଏନର୍ଜି ବା ସ୍ୱଚ୍ଛ ଶକ୍ତି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଓଡ଼ିଶା ମଧ ପାରମ୍ପରିକ ଶକ୍ତି ଉତ୍ପାଦନରୁ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଦିଗକୁ ଅଗ୍ରସର ହେଉଛି। ଏହା ଉପରେ ଧ୍ୟାନ ରଖି ରାଜ୍ୟରେ ଶକ୍ତି ଭିତ୍ତିଭୂମି କ୍ଷେତ୍ରରେ ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ ଏବଂ ମଲ୍‌ଟି ଲାଟେରାଲ୍ ପାର୍ଟନରସିପ୍ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ଆଜି ଭୁବନେଶ୍ୱର ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ସମ୍ମିଳନୀରେ ବିକଶିତ ଭାରତର ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ ଅର୍ଥ ଉପଲବ୍‌ଧତା ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଛି। ଗତକାଲି ମୁଖ୍ୟମନ୍ତ୍ରୀ ସେମିକନ୍ ଇଣ୍ଡିଆ ୨୦୨୬ ସମ୍ମିଳନୀରେ ଯୋଗ ଦେଇଥିଲେ। ଏ ସଂପର୍କରେ ସେ କହିଥିଲେ ଯେ ଏହି ସମ୍ମିଳନୀରେ ଓଡ଼ିଶାର ସେମିକଣ୍ଡକ୍ଟର ଓ ଆଡ୍‌ଭାନ୍ସ ଟେକ୍ନୋଲୋଜି କ୍ଷେତ୍ରକୁ ଅଭୂତପୂର୍ବ ସଫଳତା ମିଳିଛି। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସଂକଳ୍ପକୁ ସାକାର କରିବା ଦିଗରେ ପୂର୍ବ ଭାରତରେ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ନେତୃତ୍ୱ ନେବାକୁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସେ ଆହୁରି କହିଲେ, ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ପାଇଁ ସେମିକଣ୍ଡକ୍ଟର ତୃତୀୟ ସଂ ?ଶୋଧନକୁ ମଞ୍ଜୁରି ଦିଆଯାଇଛି। ରାଜ୍ୟରେ ଏକ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ହବ୍ ସୃଷ୍ଟି କରିବା ପାଇଁ କଟକର ନରାଜଠାରେ ୮୭୦ ଏକର ପରିମିତ ଅଚଂଳରେ ଏକ ବିଶ୍ୱସ୍ତରୀୟ ଓଡ଼ିଶା ସିଲିକନ୍ ଭ୍ୟାଲି ପ୍ରତିଷ୍ଠା କରିବା ପାଇଁ ନିଷ୍ପତି ନିଆଯାଇଛି। ରାଜ୍ୟରେ ଗବେଷଣାର ଅଭିବୃଦ୍ଧି ପାଇଁ ଓ ଗବେଷଣା ଉପଲବ୍‌ଧ ଜ୍ଞାନକୁ ବାଣିଜ୍ୟିକ କାର୍ଯ୍ୟରେ ଲଗାଇବା ପାଇଁ ଆଇଆଇଟି ଭୁବନେଶ୍ୱର ସହଭାଗିତାରେ ୪୫୨ କୋଟି ଟଙ୍କାର ନ୍ୟାସନାଲ ଇଣ୍ଡଷ୍ଟ୍ରି କୋ-ଡେଭଲପମେଟଂ ହବ୍ ଅନ୍ ଇଟିଂଗ୍ରେଟେଡ ପାୱାର ଇଲେକ୍ଟ୍ରୋନିକ୍ସ ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଏଥିରେ ଓଡ଼ିଶା ସରକାରଙ୍କ ୧୨୫ କୋଟି ଟଙ୍କାର ଯୋଗଦାନ ରହିଛି। ଏହାଦ୍ୱାରା ରାଜ୍ୟର ମେଧାବୀ ଉଚ୍ଚଶିକ୍ଷିତ ଯୁବପିଢି ବିଦେଶ ନ ଯାଇ ନିଜ ରାଜ୍ୟରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ। ଏ ସବୁ ପଦକ୍ଷେପଗୁଡ଼ିକ ଦ୍ୱାରା ଓଡ଼ିଶା ଏବେ 'ମାଇନ୍ ଇକୋନୋମି'ରୁ 'ମାଇଣ୍ଡ ଇକୋନୋମି' ଆଡ଼କୁ ଅଗ୍ରସର ହେଉଛି ବୋଲି ସେ କହିଥିଲେ। ସେମିକନ୍ ଇଣ୍ଡିଆ ୨୦୨୬ରେ ଓଡ଼ିଶା ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛି। ଏହା ମାଧ୍ୟମରେ ୬ ହଜାରରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏଥିସହିତ ସମ୍ମିଳନୀରେ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱେଫର ପ୍ରସ୍ତୁତି ପାଇଁ କ୍ୱାଡ୍‌କ୍ୱାଟଂମ ସଂସ୍ଥା ସହିତ ଆଗ୍ରହପତ୍ର (ଲେଟର ଅଫ୍ ଇଟେଂଟଂ) ସ୍ୱାକ୍ଷର ହୋଇଛି। ଏହି କାର୍ଯ୍ୟକ୍ରମରେ ୧୮ଟି କମ୍ପାନି ସହିତ ୱାନ୍ ଟୁ ୱାନ୍ ଆଲୋଚନା, ୫ଟି କମ୍ପାନି ସହିତ ରାଉଣ୍ଡଟେବୁଲ ବୈଠକ ହେବା ସହିତ ୩ଟି କମ୍ପାନି ଓଡ଼ିଶା ସହିତ ଆଗ୍ରହପତ୍ର ସ୍ୱାକ୍ଷର କରିଛନ୍ତି। ସମ୍ମିଳନୀରେ ଜାପାନ, ସ୍ୱିଡେନ, ତାଇୱାନ୍‌ର ପ୍ରତିନିଧି ଦଳ ଏବଂ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ୍‌ସେମ୍, ଥ୍ରି-ଡି ଗ୍ଲାସ୍ ସଲ୍ୟୁସନ୍, ଇଟେଂଲ୍ ଭଳି ପ୍ରମୁଖ ବିଶ୍ୱସ୍ତରୀୟ ଟେକ୍ନୋଲୋଜି କମ୍ପାନିଗୁଡ଼ିକ ସହିତ ମଧ ସଫଳ ଆଲୋଚନା ହୋଇଛି। ଏହା ମାଧ୍ୟମରେ ଆଗାମୀ ଦିନରେ ଓଡ଼ିଶାକୁ ଅଧିକ ପୁଞ୍ଜି ନିବେଶ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


## ବନଦୁର୍ଗା ବିଦ୍ୟାପୀଠରେ ମଣ୍ଡଳସ୍ତରୀୟ ଖେଳକୁଦ ପ୍ରତିଯୋଗିତା



ଘଟଗାଁ,୨୦/୯(ନି/ପ୍ର): ଘଟଗାଁ ମଣ୍ଡଳ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ରାଜପାଟ ବନଦୁର୍ଗା ବିଦ୍ୟାପୀଠ ଖେଳ ପଡିଆରେ ଉଦ୍ଘାଟିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ବୟସର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଘଟଗାଁ ବ୍ଲକ ବି ଇ ଓ ହରେକୃଷ୍ଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିବା ସହ ଶାରୀରିକ କ୍ରୀଡାର ଉପାଦେୟତା ଉପରେ ଉଦବୋଧନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏ ବି ଇ ଓ ସଞ୍ଜୟ କୁମାର ପଲେଇ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ କୁମାର ବେହେରା, ଘଟଗାଁ ସି ଆର ସି ସି କମଳାକାନ୍ତ ପଣ୍ଡା, ବଡ଼ଜାମୁପୋଷି ସି ଆର ସି ସି ବିଜୟ କୁମାର ବେହେରା, ଡାଙ୍ଗଡିହା ସି ଆର ସି ସି ଆଶିଷ କୁମାର ବେହେରା, ପ୍ରଧାନ ଶିକ୍ଷକ ଜୀବନ କୁମାର ସେଠୀ, କ୍ରୀଡା ସମ୍ପାଦକ ପ୍ରସନ୍ନ କୁମାର ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ । କ୍ରୀଡାବିତ୍ ମାନଙ୍କ ଭିତରେ ଖୋକୋ, କବାଡି, ଦୌଡ଼, କ୍ରିକେଟ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାର ପ୍ରଥମ ଦିନରେ ମୋଟ ୨୮୮ ଜଣ ପ୍ରତିଯୋଗୀ ଯୋଗ ଦେଇଥିବା ବେଳେ ୪୧ ଜଣ ବ୍ୟବସ୍ଥାପକ ତଥା କ୍ରୀଡା ଶିକ୍ଷକ ଖେଳ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁ, ସସ୍ମିତା ରଥ, ଅୟେଶ କାନ୍ତ ସ୍ୱାଇଁ, ସୁରେଶ କୁମାର ପଲେଇ, ସୁବ୍ରତ ଲେଙ୍କା, ଡମ୍ବରୁଧର ମହାନ୍ତ, ଲମ୍ବୋଦର ମହାନ୍ତ, ସଞ୍ଜୀବ ସାହୁ, ଲକ୍ଷ୍ମୀଧର ମହାନ୍ତ, ବର୍ଷା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଘଟଗାଁ ବ୍ଲକ ବି ଇ ଓ ହରେକୃଷ୍ଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିବା ସହ ଶାରୀରିକ କ୍ରୀଡାର ଉପାଦେୟତା ଉପରେ ଉଦବୋଧନ ଦେଇଥିଲେ ।

## ଛତାମଖନାରେ ନୂଆଁଖାଇ ଭେଟଘାଟ:

### ନୂଆଁଖାଇ ମାଧ୍ୟମରେ ସମାଜରେ ଥିବା କୁସଂସ୍କାର, ଅସ୍ପୃଶ୍ୟତାକୁ ଦୂର କରିବା- ନରସିଂହ

ବଲାଙ୍ଗିର,୨୦/୯(ନି/ପ୍ର): ନୂଆଁଖାଇ ତିହାର କେବଳ ପଶ୍ଚିମାଂଚଳ ନୁହେଁ ବର୍ତ୍ତମାନ ଆମ ଦେଶ ସୀମା ପାର କରି ବିଶ୍ୱ ସ୍ତରରେ ପହଂଚିଛି ।ଆମେ ଅନେକ ହର୍ଷ ଉଲ୍ଲାସରେ ନୂଆଁଖାଇ ପାଳନ କରିସାରିଛୁ । ବର୍ତ୍ତମାନ ଜୁହାର ଭେଟର ସମୟ । ଏହି ପର୍ବ ନିଶ୍ଚିତ ଭାବରେ ଆମ ଭିତରେ ଏକତା ଭାଇଚାରା ସୃଷ୍ଟି କରେ କିନ୍ତୁ ଆଜିର ଅଧୁନିକ ସମାଜ ନୂଆଁଖାଇ ତିହାରକୁ ଏପରି ସୁନ୍ଦର ଢଙ୍ଗରେ ପାଳନ କରୁଛି ଯେ, ଆଗାମୀ ଦିନରେ ଏହି ତିହାର ମାଧ୍ୟମରେ ନିଶ୍ଚିତ ଭାବରେ ଆମେ ସମାଜରେ ଥିବା କୁସଂସ୍କାର, ଅସ୍ପୃଶ୍ୟତା ତଥା ଅରାଜକତାକୁ ଦୂର କରିପାରିବା ବୋଲି ନିଜ ପୈତୃକ ଗ୍ରାମ ଛତାମଖନା ଠାରେ ଅନୁଷ୍ଠିତ ନୂଆଁଖାଇ ପର୍ବ ପରବର୍ତ୍ତି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ଛତାମଖନାର ଆମ୍ବେଦକର କ୍ଲବ ଆନୁକୁଲ୍ୟରେ ଆୟୋଜିତ ଏହି ନୂଆଁଖାଇ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଛତାମଖନା ଏକ ଆଦର୍ଶ ଗ୍ରାମ ଅଟେ । ଆମ ପୂର୍ବ ସୁରିମାନେ ଏହି ଗ୍ରାମରେ କିପରି ଲୋକେ ଉତମ ଶିକ୍ଷା ଲାଭ କରିବେ ସେ ଉପରେ ସବୁବେଳେ ଚେଷ୍ଟା କରିଛନ୍ତି । ଛତାମଖନା ଗ୍ରାମର ଅବଦାନ ଅନେକ । ଏହି ଗାଁ ଦେଶର ସମ୍ବିଧାନ ପ୍ରଣେତା ସଭାର ସଭ୍ୟ ଯୁଧିଷ୍ଠିର ମିଶ୍ରଙ୍କୁ ଜନ୍ମ ଦେଇଛି । ଏହି ଗାଁ ରାଜ୍ୟକୁ ଆଇନମନ୍ତ୍ରୀ ତଥା ଜାତୀୟ ଆଇନ କମିଶନ ସଦସ୍ୟ ଦେଇଛି । ତା' ସହ ଝାଡଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମଧ୍ୟ ଏହି ଗାଁ ର । ତେଣୁ ଛତାମଖନା ଅବଦାନ କେହି ଭୁଲିଯିବା କଥା ନୁହେଁ । ସେହି କ୍ରମକୁ ବଜାୟ ରଖିବାକୁ ହେଲେ ଆମର ଛୁଆମାନେ ଶିକ୍ଷା ପ୍ରତି ଧ୍ୟାନ ଦେବା କଥା । ଆମ ଭିତରେ ଥିବା କୁସଂସ୍କାର, ଅସ୍ପୃଶ୍ୟତା କୁ ଦୂର କରି ଭାଇଚାରା ଓ ଏକତା ସୃଷ୍ଟି କରିବା କଥା ବୋଲି ଶ୍ରୀ ମିଶ୍ର କହିଛନ୍ତି । ଏହି ଅବସରରେ ଗାଁ ର ଛୋଟ ଛୋଟ ଛୁଆମାନଙ୍କ ଦ୍ୱାରା ଛତାମଖନା ଗାଁ ର ନାମକରଣକୁ ନେଇଥିବା ଲୋକକଥା ଉପରେ ଏକ କ୍ଷୁଦ୍ର ନାଟିକା ପ୍ରଦର୍ଶନ କରିଥିଲେ ।

## ଘଟଗାଁରେ ନିଉଟନ୍ କଲେଜ ଅଫ ନର୍ସିଂ ଉଦ୍‌ଘାଟିତ

କେନ୍ଦୁଝର,୨୦/୯(ନି/ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ରେ ନିଉଟନ୍ କଲେଜ ଅଫ ନର୍ସିଂ ବୁଧବାର ଉଦ୍ଘାଟିତ ହୋଇଯାଇଛି । କେନ୍ଦୁଝର ଘଟଗାଁ ଭଳି ଅଂଚଳରେ ପ୍ରଥମ କରି,ଆଦିବାସୀ ପିଲା ସମସ୍ତ ବର୍ଗର ଛାତ୍ର ଛାତ୍ରୀ ଏହି କଲେଜ ରେ ପଢ଼ିବାର ସୁଯୋଗ ପାଇ ପାରିବେ, ଚଳିତ ବର୍ଷ,ଏ ଏନ୍ ଏମ ଏବଂ ଜି ଏନ୍ ଏମରେ ପଢ଼ି ବା ଓ ସମସ୍ତ ସୁବିଧା ଛାତ୍ର ଛାତ୍ରୀ ଙ୍କୁ ଅନୁଷ୍ଠାନ ସୁଯୋଗ ଦେଇଛି । ଅନୁଷ୍ଠାନକୁ, କେନ୍ଦୁଝର ସାଂସଦଙ୍କ ଧର୍ମପତ୍ନୀ,ସମାଜସେବୀକା, ଲବଙ୍ଗଲତା ନାୟକ ଫିତା କାଟି ଉଦ୍ଘାଟନ କରିଥିଲେ ଉପସ୍ଥିତ ଅତିଥି ଙ୍କ ମଧ୍ୟରେ ଘଟଗାଁ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ, ଘଟଗାଁ ଥାନା ଅଧିକାରୀ ସୁଭ୍ରାନ୍ତ କୁମାର ଜେନା, ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସିଂହ, ଶିକ୍ଷାବିତ୍ ପଦ୍ମଲୋଚନ ମହାନ୍ତ ଯୁବ ସମାଜ ସେବୀ ଯୁଗଳ କିଶୋର ପଲେଇ, ପ୍ରମୁଖ ଉପସ୍ଥିତରେ ଆୟୋଜିତ ସଭା ରେ ସମସ୍ତ ଅତିଥି, ଅନୁଷ୍ଠାନର ମଙ୍ଗଳ କାମନା ସହ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୃଙ୍ଖଳିତ ଭାବେ ଶିକ୍ଷା ଗ୍ରହଣ କରିବାକୁ ସୁସ୍ଥ ସମାଜ ସମାଜ ଗଠନ ଦିଗରେ ଅଗ୍ରଗତି ହେବାକୁ ପ୍ରେରଣା ଦେଇଥିଲେ ଅତିଥି ଗଣ,ଏହି ଅବସରରେ ସ୍ୱାସ୍ଥ୍ୟ ସହ ସମାଜ ସେବା ଦିଗରେ ପବିତ୍ର ମୋହନ ସିଂହ ଙ୍କୁ ଉତରିୟ ସହ ମା ତାରିଣୀ ଙ୍କ ଫଟୋ ଦେଇ ସମ୍ମାନିତ କରା ଯାଇଥିଲା । ଅନୁଷ୍ଠାନ ଛାତ୍ର ଛାତ୍ରୀ , ଅଭିଭାବକ ବହୁ ବ୍ୟକ୍ତି ଏହି ଉଦ୍ଘାଟନ ଦିବସ ରେ ଉପସ୍ଥିତ ହୋଇଥିଲେ ।

## ମୁକୁନ୍ଦପୁର ପାଟଣା ପଚାଂୟତ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

ଘଟଗାଁ, ୨୦/୯(ନି/ପ୍ର):ଘଟଗାଁ ବ୍ଲକ ମୁକୁନ୍ଦପୁର ପାଟଣା ପଚାଂୟତ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱଚ୍ଛତା ସେବା ଅଭିଯାନ ଆବଶ୍ୟକତାକୁ ଆଖିଆଗରେ ରଖି ମୁକୁନ୍ଦପୁର ପାଟଣା ପଚାଂୟତ ସରପଚଂ ଅନ୍ନପୂର୍ଣ୍ଣା ଦେହୁରୀଙ୍କ ନେତୃତ୍ୱରେ ଏବଂ ଘଟଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହଭାଗିତାରେ ଏକ ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, ପଂଚାୟତ ପ୍ରତିନିଧି ଓ କର୍ମଚାରୀ ସାମିଲ ହୋଇ ଲୋକମାନଙ୍କୁ ସଚେତନ କରିଥିଲେ । ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ପରେ ପରେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ପାଠ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ଘଟଗାଁ ସି ଆର ସି ସି କମଳାକାନ୍ତ ପଣ୍ଡା ଉଦ୍ଘାଟନ କରିଥିବା ବେଳେ ପ୍ରଧାନ ଶିକ୍ଷକ ରୋହିତ କୁମାର ବେହେରା, ଶିକ୍ଷକ ମାଗୁଣି ଚରଣ ମାଝୀ, ଶୁଭକାନ୍ତ ସେଠୀ, ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥ ଶର୍ମା, ଭାରତୀ ମହାନ୍ତି, ରଶ୍ମିତା ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଂଚାୟତ ପି ଇ ଓ ଦୀପ୍ତିରଂଜନ ଦାସ, ଏ ଡି ଓ ସତ୍ୟେନ୍ଦ୍ର କୁମାର, କର୍ମଚାରୀ ଏସ କେ ପର୍ବେଜ୍, ଲିପୁ ବେଜ, ସତ୍ୟରଞ୍ଜନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କୁଇଜ୍ ପ୍ରତିଯୋଗୀତାରେ ସଫଳ ହୋଇଥିବା ତିନି ଜଣ ଛାତ୍ର ଛାତ୍ରୀଙ୍କୁ ପଂଚାୟତ ତରଫରୁ ସରପଚଂ ଅନ୍ନପୂର୍ଣ୍ଣା ଦେହୁରୀ ପୁରସ୍କୃତ କରିଥଲେ ।

## କାଣ୍ଡେତରା ପଚାଂୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

ନୂଆପଡ଼ା,୨୦/୯(ନି/ପ୍ର):କୋମନା ବ୍ଲକ ଅନ୍ତର୍ଗତ କାଣ୍ଡେତରା ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସୁର୍ମି ସୋରେନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, କୋମନା ତହସିଲଦାର ସୌରଭ କୁମାର ବିଶି, ଏବିଡିଓ ଭକ୍ତବନ୍ଧୁ ବୁଡେକ, ସ୍ଥାନୀୟ ସରପଂଚ କଲ୍ୟାଣୀ ଦାସ, ପିଇଓ ଗିରିଧାରୀ ତାଣ୍ଡିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ । ଏହି ଅବସରରେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, ଉପଲବ୍ଧ ସୁବିଧା ଏବଂ ଏହାର ଲାଭ ପାଇବାର ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଯାଇଥିଲା । ବିଶେଷକରି ପ୍ରବାସୀ ଶ୍ରମିକମାନେ ବାହାର ରାଜ୍ୟକୁ ଯାଇ କାମ କରିବା ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା, ଶ୍ରମିକଙ୍କ ଅଧିକାର ଏବଂ ଜିଲ୍ଲାରେ ଉପଲବ୍ଧ ସ୍ଥାନୀୟ ଜୀବିକା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ 'ଝିଅ ପାଇଁ ଗଛଟିଏ' ଓ 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ନବଜାତ କନ୍ୟାଶିଶୁ ଆରାଧା ଶବରଙ୍କୁ କୋଳରେ ଧରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିଶୁର ପିତାମାତାଙ୍କୁ ଉପହାର ଓ ବୃକ୍ଷଚାରା ପ୍ରଦାନ କରିଥିଲେ । ସେହିପରି ୪ ଜଣ ଗର୍ଭବତୀ ମହିଳାଙ୍କୁ ଫଳ, ପନିପରିବା, ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଓ ଉପହାର ବଂଟନ କରାଯାଇଥିଲା । ଉଦ୍ବୋଧନ ଦେଇ ଜିଲ୍ଲାପାଳ ଶ୍ରୀ ଦାଶ କହିଥିଲେ ଯେ, ଦାଦନ ସର୍ଦ୍ଦାରଙ୍କ ପ୍ରଲୋଭନରୁ ସତର୍କ ରହି ପ୍ରବାସୀ ଶ୍ରମିକମାନେ ନିଜ ଅଂଚଳରେ ଉପଲବ୍ଧ ଜୀବିକା ସୁଯୋଗର ସଦୁପଯୋଗ କରିବା ଆବଶ୍ୟକ । ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ମହିଳାମାନେ ନିଜ ଆୟ ବୃଦ୍ଧି କରିବା ସହ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇ 'ମହାଲକ୍ଷପତି' ହେବା ଦିଗରେ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ । 'ଭିବି-ଜି ରାମ୍-ଜି' କାର୍ଯ୍ୟକ୍ରମ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ନେଇ ଗ୍ରାମାଂଚଳର ପରିବାରଗୁଡ଼ିକ ନିଜ ଅଂଚଳରେ କାମ କରି ଆୟ ବୃଦ୍ଧି କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାରୁ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟାକୁ ଶୂନ୍ୟକୁ ଆଣିବା ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ । ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାର ଦ୍ୱାରା ପରିବେଶ ଓ ସମାଜ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ସଚେତନ କରିଥିଲେ । ଦାଦନ ସର୍ଦ୍ଦାରଙ୍କ ପ୍ରଲୋଭନରୁ ଯେପରି ସତର୍କ ରହିବା ଆବଶ୍ୟକ, ସେହିପରି ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକକୁ ମଧ୍ୟ ସମାଜରୁ ଦୂରେଇବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଉପସ୍ଥିତ ଅଧିକାରୀ, ଜନପ୍ରତିନିଧି ଓ ଜନସାଧାରଣ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ ନେଇ ସାମୂହିକ ଶପଥ ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକମାନଙ୍କୁ ଶ୍ରମିକ କାର୍ଡ଼ ପ୍ରଦାନ କରାଯାଇଥିଲା । ଅନ୍ୟାନ୍ୟ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ସରକାରୀ ଯୋଜନାର ସୁବିଧା ଓ ସାମଗ୍ରୀ ବଂଟନ କରାଯାଇଥିଲା । ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମନମୋହନ ମାଝୀ ଓ ନୂର୍ ଝାହାନ ବେଗମଙ୍କୁ 'ସ୍ୱଚ୍ଛତା ଦୂତ ସମ୍ମାନ' ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଦାଶ ପୂର୍ବରୁ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିବା ହରେରାମ ସତନାମୀଙ୍କ ଘରକୁ ଯାଇ ତାଙ୍କ ସହ ଆଲୋଚନା କରିଥିଲେ । ନିଜ ଅଂଚଳରେ ରହି ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ନେଇ ଜୀବିକା ଉପାର୍ଜନ କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଦଶମ ଶ୍ରେଣୀର ଛାତ୍ର ଡାଏମଣ୍ଡ ସତନାମୀଙ୍କୁ ଭେଟି ତାଙ୍କ ପାଠପଢ଼ା ଓ ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିବା ସହ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାକୁ ଜିଲ୍ଲାପାଳ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ 'ପକ୍ଷୀ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇ ପକ୍ଷୀମାନଙ୍କ ସୁରକ୍ଷା, ପରିବେଶ ସଂରକ୍ଷଣ ଓ ଜୈବ ବିବିଧତା ରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଜିଲ୍ଲା ସମ୍ବଳ ସଂଯୋଜକ(ଡିଆର୍‌ସି) ଅନୀଲ କୁମାର ଲେଙ୍କା କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିଲେ ।

## ମାନଗୋବିନ୍ଦପୁର ୟୁନିୟନ ବ୍ୟାଙ୍କଲୁଟ୍ ଘଟଣା: ନାବାଳକ ସମେତ ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



ବୈଶିଙ୍ଗା,୨୦/୯(ନି/ପ୍ର): ମୟୂରଭଞ୍ଜଜିଲ୍ଲା ମାନଗୋବିନ୍ଦପୁର ସ୍ଥିତ ୟୁନିୟନ ବ୍ୟାଙ୍କରେ ୧୪ତାରିଖ ପ୍ରାୟ ୨ଟା ସମୟରେ ଘଟିଥିଲା ଲୁଟ୍ ଘଟଣାରେ ଧରାପଡ଼ିଥିବା ୬ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଅନ୍ୟତମ ଅଭିଯୁକ୍ତ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି । ଆଜି (ବୁଧବାର) ଘଟଣା ସମ୍ପର୍କରେ ପୁଲିସ ଅଭିଯୁକ୍ତଙ୍କ ଯୋଜନା ଓ ଧରାପଡ଼ିଥିବା ୭ ଅଭିଯୁକ୍ତଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଛି । ସୂଚନାନୁସାରେ, ପୁଲିସକୁ ଦେଖି ଅଭିଯୁକ୍ତମାନେ ଏକ କାରରେ ଘଟଣାସ୍ଥଳରୁ ଖସିବାକୁ ଉଦ୍ୟମ କରିଥିଲେ । ଏହାପରେ ମାଣତ୍ରୀ– ବୈଶିଙ୍ଗା ଛକ ନିକଟରେ ପୁଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ଅଭିଯୁକ୍ତମାନଙ୍କ ନିକଟରୁ ପଶ୍ଚିମବଙ୍ଗ ନମ୍ବର ଥିବା ଗୋଟିଏ କାର, ମୋବାଇଲ୍ ଫୋନ୍, ଲୁହା ଚେନ୍ ଓ କଟର ଜବତ କରାଯାଇଛି । ବ୍ୟାଙ୍କ କର୍ମଚାରୀଙ୍କ ଲିଖିତ ଅଭିଯୋଗ ଆଧାରରେ ବୈଶିଙ୍ଗା ଥାନାରେ ନଂ ୪୭୪/୨୦୨୬ରେ ମାମଲା ରୁଜୁ ହୋଇଛି । ଏହି ମାମଲାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ୬ଜଣ ଅଭିଯୁକ୍ତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନା ଅଚଂଳର ବୋଲି ଜଣାପଡ଼ିଛି । ସେମାନେ ହେଲେ, ରେମୁଣା ଥାନା ଅଚଂଳ ଗୋବିନ୍ଦପୁର ମୁଖୁରାର ବାବୁ ଜେନା ଓରଫ ଲକ୍ଷ୍ମଣ (୨୭), ଆରାମଲା କଟାଂବଣିଆର ସଞ୍ଜୟ ଜେନା ଓରଫ ଗେନ୍ଦୁ (୨୪), ଯୋଡ଼ିଗୋହରୀର ଦିଲୀପ ଦଳେଇ ଓରଫ କାଲୁ (୨୬), ରଶ୍ମିରଞ୍ଜନ ଦଳେଇ ଓରଫ ଦେବା (୨୫), ଇଣ୍ଡଷ୍ଟ୍ରିଆଲ ଥାନା ଅଚଂଳ ବାଲିଆ ଆଦିବାସୀ ସାହିର ରେପୋ ସିଂହ ଓରଫ ଟିଂକି (୧୯), ସହଦେବଖୁଟା ଥାନା ଅଚଂଳ ବାଲିଆ ସମ୍ବଲପୁରର ଜିତେନ୍ଦ୍ର ବେହେରା ଓରଫ ବାପି (୩୦)।

## ମା' ବଗଳାମୁଖୀଙ୍କ ଦର୍ଶନ ସାରି ଫେରୁଥିବା ଶ୍ରଦ୍ଧାଳୁଙ୍କ କାର୍ ବର୍ଷା ପାଣି ସ୍ରୋତରେ ଡ୍ରେନ୍‌ରେ ଭାସିଗଲା :

### ୮ ଓଡ଼ିଆ ମୃତ



ଭୋପାଳ,୨୦/୯: ମଧ୍ୟପ୍ରଦେଶର ଆଗର ମାଲଓ୍ୱା ଜିଲ୍ଲାର ନାଲଖେଡାରେ ଥିବା ମା ବଗଳାମୁଖୀ ମନ୍ଦିର ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି । ମନ୍ଦିର ନିକଟରେ ଥିବା ନାଳରେ ପ୍ରବଳ ବର୍ଷା ଜଳ ସ୍ରୋତରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଇଥିବା ଏକ କାର୍ ଭାସି ଯାଇଛି । ଏହି ଦୁର୍ଘଟଣାରେ ତିନି ଜଣ ଶିଶୁ, ଦୁଇ ଜଣ ମହିଳା ଏବଂ ତିନି ଜଣ ପୁରୁଷ ସମେତ ଆଠ ଜଣଙ୍କର ମୃତ୍ୟୁ ଘଟିଛି । ଉପଲବ୍ଧ ସୂଚନା ଅନୁଯାୟୀ,ସେମାନେ ଉଜ୍ଜୟିନୀରୁ କାର ଭଡ଼ାରେ ନେଇ ମା' ବଗଳାମୁଖୀ ମନ୍ଦିର ଦର୍ଶନ ପାଇଁ ନାଲଖେଡାରେ ପହଚିଂଥିଲେ । ନାଲଖେଡା ଅଚଂଳରେ ରାତିସାରା ପ୍ରବଳ ବର୍ଷା ହୋଇଥିଲା । ବର୍ଷା ଯୋଗୁଁ ଡ୍ରେନ୍‌ରେ ପାଣି ପ୍ରବାହ ସ୍ତର ବଢ଼ି ଯାଇଥିଲା । ଦର୍ଶନ ପରେ ଫେରୁଥିବା ସମୟରେ କାରଟି ପ୍ରବଳ ଜଳ ସ୍ରୋତରେ ଫସି ଯାଇଥିଲା ଏବଂ ଭାସି ଯାଇଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ପ୍ରଶାସନିକ ଅଧିକାରୀ ଏବଂ ଏକ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଚିଂ ଥିଲେ । ବହୁତ ଚେଷ୍ଟା ପରେ ଡ୍ରେନ୍‌ରୁ କାରକୁ ବାହାର କରାଯାଇଥିଲା । ତେବେ ସେତେବେଳେକୁ ସେଥିରେ ଥିବା ସମସ୍ତ ଆଠ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । କଲେକ୍ଟର ଶେର ସିଂହ ମୀନା ଏବଂ ଏସପି ଦିଲୀପ କୁମାର ସୋନିଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ଘଟଣା ସମ୍ପର୍କରେ ମୃତକଙ୍କ ପରିବାରକୁ ଜଣାଇବା ପ୍ରକ୍ରିୟା ମଧ୍ୟ ଜାରି ରହିଛି । ଗତ ୨୪ ଘଟାଂ ମଧ୍ୟରେ ନାଲଖେଡାରେ ୩.୭ ଇଚଂ ବର୍ଷା ରେକର୍ଡ କରାଯାଇଛି, ବିଶେଷକରି ରାତିରେ ପ୍ରବଳ ବର୍ଷା ହୋଇଥିଲା । ବର୍ଷା ଯୋଗୁଁ ମନ୍ଦିର ସାମ୍ନାରେ ଯାଇଥିବା ଡ୍ରେନ୍‌ରେ ବର୍ଷାଜଳର ସ୍ତର ଏବଂ ପ୍ରବାହ ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା ।

## ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ପ୍ରସ୍ତୁତି

ଜୟପୁର, ୨୦/୯(ନି/ପ୍ର): ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ ଅବସରରେ ଦିବ୍ୟ ଶକ୍ତି କଳସ ଶୋଭାଯାତ୍ରା ଆୟୋଜନ ପାଇଁ ଗାୟତ୍ରୀ ପରିବାରର ପ୍ରତିନିଧିମାନେ ଗୁରୁବାର ସଦର ଥାନା ଓ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ସୂଚନା ପ୍ରଦାନ କରିଛନ୍ତି । ଗାୟତ୍ରୀ ପରିବାରର ଜିଲ୍ଲା ସଂଯୋଜକ ସୁଶ୍ରୀ ରତ୍ନମ୍ବରା ପାତ୍ର, କୋଷାଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ, ପ୍ରଚାର ପ୍ରସାର ପ୍ରମୁଖ ନିରଞ୍ଜନ ପାଣିଗ୍ରାହୀ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗେଶ୍ୱରୀ ପାଣିଗ୍ରାହୀ ଏହି ସାକ୍ଷାତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସୂଚନା ଅନୁଯାୟୀ, ଆସନ୍ତା ୨୦ ତାରିଖ ଦିନ ସକାଳ ୧୦ଟାରେ ଲିଙ୍ଗରାଜ ନଗର ରୁଦ୍ରବୀର ହନୁମାନ ମନ୍ଦିର ନିକଟସ୍ଥ ଗାୟତ୍ରୀ ପ୍ରଜ୍ଞାପୀଠରୁ ଦିବ୍ୟ ଶକ୍ତି କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା ।

## ଷଷ୍ଠ ଜିଲ୍ଲା ପରିଷଦର ନବମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ




କେନ୍ଦ୍ରାପଡ଼ା,୨୦/୯(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଷଷ୍ଠ ଜିଲ୍ଲା ପରିଷଦର ନବମ ସାଧାରଣ ପରିଷଦ ବୈଠକ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଳି ବିଧାୟକ ଶ୍ରୀ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ ଶ୍ରୀ ଧ୍ରୁବଚରଣ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ସାଂସଦଙ୍କ ପ୍ରତିନିଧି ସୁନାକାର ବେହେରାଙ୍କ ସମେତ ଜିଲ୍ଲାପାଳ ରଘୁରାମ ଆର୍. ଆୟର ଏବଂ ସମସ୍ତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକ ଆରମ୍ଭରେ ଅଧ୍ୟକ୍ଷା ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ସାମଗ୍ରିକ ବିକାଶ, ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟଣ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଦ୍ୟାଳୟଗୁଡ଼ିକର ଭିତିଭୂମି, ଶିକ୍ଷକ ଉପଲବ୍ଧତା, ଛାତ୍ରଛାତ୍ରୀଙ୍କ ଶିକ୍ଷା ପରିବେଶ ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ନିର୍ବାଚିତ ପ୍ରତିନିଧିମାନେ ଗୃହରେ ନିଜ ମତାମତ ରଖିଥିଲେ । ଏଥିସହ ବିଭିନ୍ନ ଆଦର୍ଶ ବିଦ୍ୟାଳୟରେ ଥିବା ସମସ୍ୟା ଓ ଏହାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ସେହିପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରି କାର୍ଯ୍ୟଗୁଡ଼ିକୁ ଶୀଘ୍ର ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଲୋକଙ୍କ ଆବଶ୍ୟକତା ସହିତ ଜଡ଼ିତ ଉନ୍ନୟନ କାର୍ଯ୍ୟରେ ବିଳମ୍ବ ନହେବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିଲା । ଚଳିତ ବନ୍ୟା ପରିସ୍ଥିତି ସମ୍ପର୍କରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ବନ୍ୟା ପ୍ରଭାବିତ ଅଚଂଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ଆବଶ୍ୟକ ସେବା ଯୋଗାଣ, ରାସ୍ତାଘାଟ ଓ ଅନ୍ୟାନ୍ୟ ଭିତିଭୂମିର ସ୍ଥିତି ଏବଂ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସଦସ୍ୟ/ ସଦସ୍ୟାମାନେ ଗୃହରେ ନିଜ ଅଂଚଳର ସମସ୍ୟା ଉପସ୍ଥାପନ କରିଥିଲେ । ଏଥିସହିତ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ପ୍ରଦାନ ପାଇଁ ଆଶ୍ରୟସ୍ଥଳୀଗୁଡ଼ିକୁ ସମସ୍ତ ଦୃଷ୍ଟିରୁ ପ୍ରସ୍ତୁତ ରଖିବା ଆବଶ୍ୟକତା ଉପରେ ଗୃହରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ରାସ୍ତାଘାଟରେ ବୁଲା ଗୋରୁଗାଈଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁଁ ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତ୍ୟେକ ପଂଚାୟତରେ ଗୋଶାଳା ନିର୍ମାଣ କରିବା ନିମନ୍ତେ ରାଜନଗର ବିଧାୟକ ଶ୍ରୀ ଧ୍ରୁବଚରଣ ସାହୁ ପ୍ରସ୍ତାବ ରଖିଥିଲେ । ପ୍ରସ୍ତାବଟି ଗୃହରେ ଆଲୋଚିତ ହୋଇଥିଲା । ଅନ୍ୟପକ୍ଷରେ, ଦିବଂଗତ ୨୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ସୁବ୍ରତ ଲେଙ୍କାଙ୍କ ସ୍ମୃତିରେ ତାଙ୍କ ନାମରେ ଏକ କମ୍ୟୁନିଟି ସେଂଟର ଖୋଲିବା ନିମନ୍ତେ ଜିଲ୍ଲା ପରିଷଦ ସଦସ୍ୟ/ ସଦସ୍ୟାମାନଙ୍କ ପକ୍ଷରୁ ବୈଠକରେ ପ୍ରସ୍ତାବ ରଖାଯାଇଥିଲା । ଗୃହରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ । ବୈଠକରେ ନିର୍ବାଚିତ ଜନପ୍ରତିନିଧିମାନେ ନିଜ ନିଜ ଅଂଚଳର ବିଭିନ୍ନ ମୌଳିକ ସମସ୍ୟା, ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଏବଂ ଜନସାଧାରଣଙ୍କ ସ୍ୱାର୍ଥ ସମ୍ପର୍କିତ ବିଷୟଗୁଡ଼ିକୁ ଗୃହରେ ଉପସ୍ଥାପନ କରିଥିଲେ । ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉଠିଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲାର ଉନ୍ନୟନ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଜନସାଧାରଣଙ୍କ ସମସ୍ୟାଗୁଡ଼ିକର ସମୟବଦ୍ଧ ସମାଧାନ ପାଇଁ ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ନିରନ୍ତର ସମନ୍ୱୟ ଓ ସହଯୋଗ ଆବଶ୍ୟକ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକ ଶେଷରେ ଉପସ୍ଥିତ ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାୟର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୨୧ ସେପ୍ଟେମ୍ବର ୨୦୨୬

# ଯୁବଶକ୍ତି ଉପରେ ଭରସା

ଭାରତର ଯୁବସମାଜ ପାଇଁ ରୋଜଗାର କେବଳ ଏକ ଚାକିରି ନୁହେଁ, ଏହା ଆତ୍ମସମ୍ମାନ, ଆର୍ଥିକ ସ୍ୱାଧୀନତା, ପରିବାରର ସୁରକ୍ଷା ଏବଂ ନିଜ ଭବିଷ୍ୟତ ଗଢ଼ିବାର ଏକ ଦୃଢ଼ ଆଧାର । ସେହି ଦୃଷ୍ଟିରୁ ୨୦ତମ ପର୍ଯ୍ୟାୟର ରୋଜଗାର ମେଳା ଏକ ସମୟୋପଯୋଗୀ ଘଟଣା । କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ୨୦୨୬ ସେପ୍ଟେମ୍ବର ୧୯ରେ ବେଙ୍ଗାଲୁରୁର ନ୍ୟାସନାଲ ଏକାଡେମୀ ଅଫ କଷ୍ଟମ୍ସ, ଇନଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ ନାର୍କୋଟିକ୍ସର ଜୋନାଲ କ୍ୟାମ୍ପସରେ ଏହି ଜାତୀୟ ରୋଜଗାର ମେଳା ଆୟୋଜିତ ହେବ । ଏଥିରେ ନୂତନ ଭାବେ ନିଯୁକ୍ତ ଯୁବକଯୁବତୀ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ସଂପୃକ୍ତ ପ୍ରତିନିଧିମାନେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ ।ରୋଜଗାର ମେଳାର ମୂଳ ଗୁରୁତ୍ୱ ଏହାର ଦୃଶ୍ୟମାନ ପରିଣାମରେ ରହିଛି । ନିଯୁକ୍ତିପତ୍ର ହାତରେ ପାଇବା ଜଣେ ଯୁବକ ବା ଯୁବତୀଙ୍କ ପାଇଁ ଜୀବନର ଏକ ନୂଆ ଆରମ୍ଭ । ୨୦୨୬ ମେ ୨୩ରେ ହୋଇଥିବା ୧୯ତମ ରୋଜଗାର ମେଳାରେ ୪୭ଟି ସ୍ଥାନରେ ଏକାସାଙ୍ଗରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା । ରେଳବାଇ, ଗୃହ, ସ୍ୱାସ୍ଥ୍ୟ, ଆର୍ଥିକ ସେବା, ଉଚ୍ଚଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଯୁବପିଢ଼ି ସୁଯୋଗ ପାଇଥିଲେ ।ଏହା ପୂର୍ବରୁ ଆୟୋଜିତ ୧୮ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ଜାରି ହୋଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ଏହି ତଥ୍ୟ ରୋଜଗାର ମେଳାକୁ କେବଳ ଏକ ଦିନର କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ନିଯୁକ୍ତି ପ୍ରକ୍ରିୟାକୁ ଏକ ସାଧାରଣ ମଚଂରେ ଦୃଶ୍ୟମାନ କରିବାର ଏକ ପ୍ରୟାସ ଭାବେ ଦେଖିବାର ସୁଯୋଗ ଦିଏ । ତେବେ ଏଠାରେ ଏକ ମୌଳିକ କଥା ବୁଝିବା ଆବଶ୍ୟକ । ସରକାରୀ ନିଯୁକ୍ତି ଅର୍ଥନୀତିର ସମଗ୍ର ରୋଜଗାର ସମସ୍ୟାର ଏକମାତ୍ର ସମାଧାନ ନୁହେଁ । ଭାରତର ବିଶାଳ ଯୁବସମାଜ ପାଇଁ ସରକାରୀ ଚାକିରି ସହିତ ବେସରକାରୀ ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, କୃଷିଭିତ୍ତିକ ଉଦ୍ୟମ, ଡିଜିଟାଲ ସେବା, ନିର୍ମାଣ, ପର୍ଯ୍ୟଟନ ଓ ନୂତନ ପ୍ରଯୁକ୍ତିକ୍ଷେତ୍ରରେ ଅଧିକ ସୁଯୋଗ ଆବଶ୍ୟକ । ତେଣୁ ରୋଜଗାର ମେଳାର ସଫଳତାକୁ ଦେଶର ସମଗ୍ର ରୋଜଗାର ପରିସ୍ଥିତି ସହିତ ଯୋଡ଼ି ଦେଖିବା ଅଧିକ ଯୁକ୍ତିସଙ୍ଗତ ।ରୋଜଗାର ମେଳାର ଆଉ ଏକ ଦିଗ ହେଉଛି ନିଯୁକ୍ତି ପ୍ରକ୍ରିୟାର ସମୟୋପଯୋଗୀତା ଓ ପାରଦର୍ଶିତା । ଯୁବମାନେ ବର୍ଷ ବର୍ଷ ଧରି ପରୀକ୍ଷା, ପ୍ରତିଯୋଗିତା ଓ ଚୟନ ପ୍ରକ୍ରିୟାରେ ଅପେକ୍ଷା କରିବାକୁ ବାଧ୍ୟ ହେଲେ ତାହାର ପ୍ରଭାବ ପରିବାର ଓ ଯୁବମନ ଉପରେ ପଡ଼େ । ତେଣୁ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ, ନ୍ୟାୟସଙ୍ଗତ, ମେଧାଭିତ୍ତିକ ଓ ସମୟବଦ୍ଧ କରିବା ଯେକୌଣସି ସରକାରଙ୍କ ପାଇଁ ମୁଖ୍ୟ ଦାୟିତ୍ୱ । ରୋଜଗାର ମେଳାର ଆୟୋଜନ ଏହି ଆବଶ୍ୟକତା ଉପରେ ଜୋର ଦେବାର ଏକ ଅବସର ମଧ୍ୟ ସୃଷ୍ଟି କରୁଛି ।କିନ୍ତୁ ନିଯୁକ୍ତିପତ୍ର ବଣ୍ଟନରେ କାର୍ଯ୍ୟ ସମାପ୍ତ ହୁଏ ନାହିଁ । ନୂତନ କର୍ମଚାରୀଙ୍କୁ ଉଚିତ ପ୍ରଶିକ୍ଷଣ, କାର୍ଯ୍ୟକୁଶଳତା ବିକାଶ, ପ୍ରଯୁକ୍ତିଜ୍ଞାନ ଏବଂ ଜନସେବାର ମନୋଭାବ ଦେବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ରୋଜଗାର ମେଳାରେ ନିଯୁକ୍ତ ହେଉଥିବା ଯୁବମାନେ ରେଳ, ଡାକ, ସ୍ୱାସ୍ଥ୍ୟ, ଅର୍ଥ, ଶିକ୍ଷା, ସୁରକ୍ଷା ଓ ପ୍ରଶାସନ ଭଳି କ୍ଷେତ୍ରରେ କାମ କରିବେ । ସେମାନଙ୍କର ଦକ୍ଷତା ସିଧାସଳଖ ଭାବେ ସାଧାରଣ ଲୋକଙ୍କ ସେବାର ଗୁଣତ୍ୱ ସହିତ ଜଡ଼ିତ । ଏହି କାରଣରୁ ନୂତନ ନିଯୁକ୍ତିକୁ କେବଳ ଚାକିରି ପାଇବାର ସୁଯୋଗ ଭାବେ ନୁହେଁ, ଦେଶସେବାର ଦାୟିତ୍ୱ ଭାବେ ମଧ୍ୟ ଦେଖିବା ଦରକାର । ଜଣେ ରେଳ କର୍ମଚାରୀଙ୍କ ସତର୍କତା, ଜଣେ ଡାକ କର୍ମଚାରୀଙ୍କ ସେବା, ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱବୋଧ, ଜଣେ ଆର୍ଥିକ କର୍ମଚାରୀଙ୍କ ସତ୍ୟନିଷ୍ଠା କିମ୍ବା ଜଣେ ଶିକ୍ଷା ବିଭାଗର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା—ପ୍ରତ୍ୟେକଟି ମିଶି ନାଗରିକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରେ ।ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ରୋଜଗାର ମେଳାକୁ ଯୁବଶକ୍ତି ଓ ରାଷ୍ଟ୍ର ନିର୍ମାଣ ସହିତ ଯୋଡ଼ି ଉପସ୍ଥାପନ କରୁଛି । ୧୯ତମ ମେଳାରେ ପ୍ରଧାନମନ୍ତ୍ରୀ ଯୁବମାନଙ୍କ ଭୂମିକାକୁ ବିକଶିତ ଭାରତ ଗଠନ ସହିତ ସମ୍ପର୍କିତ କରିଥିଲେ । ଏହି ଦୃଷ୍ଟିକୋଣର ମୂଲ୍ୟ ତାହାବେଳେ ଅଧିକ ବଢ଼ିବ, ଯେତେବେଳେ ନିଯୁକ୍ତି ସହିତ ଉତ୍ପାଦକତା, ଦକ୍ଷତା, ନବସୃଜନ ଓ ସାଧାରଣ ଲୋକଙ୍କ ପ୍ରତି ଜବାବଦେହିତା ମଧ୍ୟ ନିଶ୍ଚିତ ହେବ ।ଭାରତର ଯୁବପିଢ଼ି ଆଜି କେବଳ ଚାକିରି ଖୋଜୁନାହିଁ; ସେମାନେ ନିଜ ଦକ୍ଷତାର ମୂଲ୍ୟାୟନ, ସମ୍ମାନଜନକ କାର୍ଯ୍ୟପରିବେଶ ଏବଂ ଭବିଷ୍ୟତର ବିକାଶରେ ଅଂଶୀଦାରିତ୍ୱ ଚାହୁଁଛନ୍ତି । ସେହି ଆକାଂକ୍ଷାକୁ ବୁଝିବା ଏବଂ ସୁଯୋଗରେ ପରିଣତ କରିବା ହେଉଛି ନୀତିନିର୍ମାତାଙ୍କର ପରବର୍ତ୍ତୀ ବଡ଼ ଦାୟିତ୍ୱ ।୨୦ତମ ରୋଜଗାର ମେଳା ତେଣୁ ଏକ ଉତ୍ସବ ମାତ୍ର ନୁହେଁ; ଏହା ରୋଜଗାର, ପ୍ରଶାସନ ଓ ଯୁବ ଆକାଂକ୍ଷାକୁ ନେଇ ଆମକୁ ଆଉଥରେ ଚିନ୍ତା କରିବାର ସୁଯୋଗ । ନିଯୁକ୍ତିପତ୍ର ହାତରେ ନେଉଥିବା ପ୍ରତ୍ୟେକ ଯୁବକଯୁବତୀଙ୍କ ସଫଳତାର ଅର୍ଥ ହେଉଛି ଗୋଟିଏ ପରିବାରରେ ନୂଆ ଆଶା । ସେହି ଆଶାକୁ ଦୀର୍ଘସ୍ଥାୟୀ ରୋଜଗାର, ଦକ୍ଷତା ବିକାଶ ଓ ବ୍ୟାପକ ଆର୍ଥିକ ସୁଯୋଗରେ ପରିଣତ କରିପାରିଲେ ହିଁ ରୋଜଗାର ମେଳାର ପ୍ରକୃତ ସାର୍ଥକତା ପ୍ରମାଣିତ ହେବ । ଯୁବଶକ୍ତିକୁ ସୁଯୋଗ ଦେବା ସହିତ ସେହି ସୁଯୋଗକୁ ଦେଶର ଉନ୍ନତିରେ ପରିଣତ କରିବା—ଏହି ଦୁଇଟି ଦାୟିତ୍ୱ ଏକାସାଙ୍ଗରେ ଚାଲିଲେ ଭାରତର ରୋଜଗାର ଯାତ୍ରା ଅଧିକ ଅର୍ଥପୂର୍ଣ୍ଣ ହେବ ।ଭାରତର ବିକାଶର କାହାଣୀ ଯଦି ଏକ ବିଶାଳ ଯାତ୍ରା, ତେବେ ଏହି ଯାତ୍ରାର ସବୁଠାରୁ ବଡ଼ ଶକ୍ତି ହେଉଛି ଦେଶର ଯୁବସମାଜ । ଯୁବକଙ୍କ ହାତରେ ଯେତେବେଳେ ନିଯୁକ୍ତିପତ୍ର ପହଂଚେ ?, ସେତେବେଳେ କେବଳ ଜଣେ ବ୍ୟକ୍ତି ଚାକିରି ପାଉନାହାନ୍ତି; ଗୋଟିଏ ପରିବାରର ଆଶା ଦୃଢ଼ ହୁଏ, ଆତ୍ମନିର୍ଭରତାର ଦ୍ୱାର ଖୋଲେ ଏବଂ ଜଣେ ଯୁବକ ବା ଯୁବତୀ ନିଜ ପରିଶ୍ରମକୁ ସାମାଜିକ ଦାୟିତ୍ୱରେ ପରିଣତ କରିବାର ସୁଯୋଗ ପାଆନ୍ତି । ଏହି ଦୃଷ୍ଟିରୁ ୨୦ତମ ପର୍ଯ୍ୟାୟର ଜାତୀୟ ରୋଜଗାର ମେଳା କେବଳ ଆଉ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ; ଏହା ନିଯୁକ୍ତି, ଯୁବଶକ୍ତି, ପ୍ରଶାସନ ଓ ବିକଶିତ ଭାରତର ଲକ୍ଷ୍ୟକୁ ଏକାସାଙ୍ଗରେ ଦେଖିବାର ଏକ ଅବସର ।କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ୨୦ତମ ଜାତୀୟ ରୋଜଗାର ମେଳା ୨୦୨୬ ସେପ୍ଟେମ୍ବର ୧୯ରେ ବେଙ୍ଗାଲୁରୁର ନ୍ୟାସନାଲ ଏକାଡେମୀ ଅଫ କଷ୍ଟମ୍ସ, ଇନଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ ନାର୍କୋଟିକ୍ସର ଜୋନାଲ କ୍ୟାମ୍ପସରେ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ଯୁବକମାନେ, ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଏକତ୍ରିତ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ମାଧ୍ୟମରେ ନୂତନ ନିଯୁକ୍ତମାନଙ୍କୁ ସମ୍ବୋଧନ କରିବେ ।ରୋଜଗାର ମେଳାର ସବୁଠାରୁ ବଡ଼ ଦିଗ ହେଉଛି ଏହାର ନିରନ୍ତରତା । ୨୦୨୨ ଅକ୍ଟୋବର ୨୨ରେ ମିଶନ ନିଯୁକ୍ତିର ଅଂଶ ଭାବେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା ।

# ଜଳ ବୋମା...

୨୦୨୬ ଅଗଷ୍ଟ ୨୬ ତାରିଖରେ ନେପାଳ-ତିବ୍ବତ୍ ସୀମାରେ ଭୟଙ୍କର ଭୂସ୍ଖଳନ, ବନ୍ୟା, ହିମଖଣ୍ଡ (ଗ୍ଲେସିଅର) ଭାଙ୍ଗିଯିବା କାରଣରୁ ନେପାଳରେ ଯେଉଁ ବିପର୍ଯ୍ୟୟ ସୃଷ୍ଟିହେଲା, ତାହା ପ୍ରାୟତଃ ସମଗ୍ର ବିଶ୍ୱବାସୀ ଅବଗତ । ଏହାର କରାଳ ବୀଭତ୍ସ ଚିତ୍ର ଟି.ଭି. ପରଦାରେ ଦେଖି ପୃଥିବୀର ବିଭିନ୍ନ ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି । ଜଳ ପ୍ରଳୟର ତାଣ୍ଡବ କେତେ ଭୟଙ୍କର, ଏବେ ତାହା ଅଗଣିତ ଜନତାଙ୍କ ହୃଦୟତନ୍ତ୍ରୀକୁ ଥରାଇ ଦେଇଛି । ପ୍ରାକୃତିକ ବିପର୍ଯ୍ୟୟ ଓ ତଦ୍ଜନିତ ଧନଜୀବନ ହାନି କାରଣ ପଶ୍ଚାତ୍ଭାଗରେ ରହିଛି କେବଳ ମାନବୀୟ ବିଶୃଙ୍ଖଳା । ବିକାଶ ଆଳରେ ମାନବକୃତ ଏହି ଖଳକାରକ ଲଗାମଛଡ଼ା କାର୍ଯ୍ୟ ସମ୍ପାଦନ ଜାରି ରହିଥିବା ପର୍ଯ୍ୟନ୍ତ ବିଭୀଷିକାର କରାଳ ଗ୍ରାସରେ ଧନଜୀବନ ଏଭଳି ଲୀନ ହୋଇ ଚାଲିଥିବ, ଏଥିରେ ସନ୍ଦେହ ନାହିଁ । ହିମାଳୟ ପର୍ବତମାଳା ବିଶ୍ୱର ସବୁଠାରୁ ଅସ୍ଥିର କ୍ଷେତ୍ର ଏବଂ ପ୍ରାକୃତିକ ବିପର୍ଯ୍ୟୟର ଭୂଖଣ୍ଡ ବୋଲି ଭୂତତ୍ୱବିତମାନେ ଆକଳନ କରିଆସିଛନ୍ତି । ପୂର୍ବରୁ ମଧ୍ୟ ଅନେକବାର 'ଫ୍ଲାସ୍-ଫ୍ଲଡ୍' ବା ଅଚାନକ ବନ୍ୟା ଆସି ଧନଜୀବନ ହାନି ଘଟିବାର ଦୃଷ୍ଟାନ୍ତ ରହିଛି । ୨୦୨୪ ମସିହାରେ ଅନୁରୂପ ଘଟଣାରେ ନେପାଳରେ ଶତାଧିକ ଲୋକଙ୍କର ଜୀବନ ହାନି ଘଟିଥିଲା । ଏହାର ଏକାଧିକ କାରଣ ରହିଛି, ମାତ୍ର ସବୁଠାରୁ ସମ୍ଭାବ୍ୟ କାରଣଟି ହେଲା, ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱ ଉତାପନର ପ୍ରଭାବ । ହିମାଳୟ କ୍ଷେତ୍ର ଭଳି ଏକ ଗୁରୁତ୍ୱ ଜୈବବିବିଧତା ଅଂଚଳ ଓ ସମ୍ବେଦନଶୀଳ କ୍ଷେତ୍ରର ସ୍ୱରୂପ ବଦଳାଉଛି ଚୀନ୍ । ଏହି ସମ୍ବେଦନଶୀଳ ପାର୍ବତ୍ୟ ଅଂଚଳରେ ଚୀନ୍ ରାଜପଥ, ରେଳମାର୍ଗ, ସୁଡ଼ଙ୍ଗ, ପୋଲ, ଜଳବିଦ୍ୟୁତ ପ୍ରକଳ୍ପ ଇତ୍ୟାଦି ନିର୍ମାଣରେ ବ୍ୟସ୍ତ । ଏଭଳି ନିର୍ମାଣ କାର୍ଯ୍ୟ ହିମାଳୟ ଭଳି ସମ୍ବେଦନଶୀଳ ଅଂଚଳର ପରିବେଶଗତ ଏବଂ ଭୂତାତ୍ୱିକ କ୍ଷେତ୍ରପାଇଁ ସୃଷ୍ଟି କରିଛି ବଡ଼ ବିପଦ । ପୂର୍ବରୁ ଚୀନ୍ର କେତେକ ବୈଜ୍ଞାନିକ ନେପାଳ ସୀମାରେ ଏଭଳି କାର୍ଯ୍ୟକୁ ନେଇ ଚେତାବନୀ ଦେଇଥିଲେ, ମାତ୍ର ଚୀନ୍ ପ୍ରଶାସନ ଏହାକୁ ଅଣଦେଖା କରିଆସିଛି । ଏହି ଅଘଟଣ ପରେ ମଧ୍ୟ ଚୀନ୍ ପ୍ରକୃତ ଚିତ୍ରକୁ ଲୁଚାଇବା ସହ କିଛି ହାତଗଣତି ଲୋକଙ୍କ ମୃତ୍ୟୁର ସୂଚନା ଦେଇଥିଲା, ଯାହାକି ପ୍ରକୃତ ସଂଖ୍ୟାଠାରୁ ଯଥେଷ୍ଟ କମ୍ । ସୂଚନା ଅନୁସାରେ, ଏଭଳି ଏକ ଭୟଙ୍କର ବିପର୍ଯ୍ୟୟ ସମ୍ପର୍କରେ ଚୀନ୍ ପୂର୍ବରୁ ଅବଗତ ଥିଲେ ମଧ୍ୟ ନେପାଳକୁ ଠିକ୍ ସମୟରେ ଉକ୍ତ ସୂଚନା ଦେଇନଥିଲା । ପ୍ରଥମେ ଚୀନ୍ ଏହାକୁ ଭୂକମ୍ପର କାରଣ ଭାବେ ଉଲ୍ଲେଖ କରିଥିଲା । ମାତ୍ର ପରେ ସ୍ପଷ୍ଟ ହେଲା, ବିଶାଳ ଗ୍ଲେସିଅର ଏବଂ ଚଟାଣ ଭୁଶୁଡ଼ିବା କାରଣରୁ ଏହା ଘଟିଛି । ଭାରତୀୟ ସୀମାଠାରୁ ମାତ୍ର ୫୦କି.ମି. ଦୂର ତିବ୍ବତ୍ର ୟାରଲୁଙ୍ଗ ସାଙ୍ଗପୋ ନଦୀର ନିମ୍ନ ଅବବାହିକାରେ ଚୀନ୍ ଦ୍ୱାରା ସମଗ୍ର ବିଶ୍ୱର ସବୁଠାରୁ ବୃହତ୍ ଜଳବିଦ୍ୟୁତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଖୁବ୍ ଦ୍ରୁତଗତିରେ ଆଗେଇ ଚାଲିଛି । ଏହି ନଦୀ ହାଇ-ଅଲ୍ଟିଚ୍ୟୁଡ୍ ଅଂଚଳରେ ପ୍ରବାହିତ ଏବଂ ଏହି ଜଳ ବିଦ୍ୟୁତ ପ୍ରକଳ୍ପ ବିପଦପୂର୍ଣ୍ଣ 'ସେସ୍ମିକ' ଜୋନ୍ ରିଜିଅନ୍ରେ ଅବସ୍ଥିତ । ୟାରଲୁଙ୍ଗ ସାଙ୍ଗପୋ ନଦୀ ତିବ୍ବତ୍ରୁ ବାହାରି ଭାରତକୁ ପ୍ରବାହିତ, ଯାହାକି ଅରୁଣାଚଳ ପ୍ରଦେଶରେ 'ସିଆଙ୍ଗ' ନଦୀ ଏବଂ ଆସାମରେ 'ବ୍ରହ୍ମପୁତ୍ର' ନଦୀ ଭାବେ ପ୍ରବାହିତ ହୋଇ ବାଂଲାଦେଶ ଅତିକ୍ରମ ପରେ ବଙ୍ଗୋପସାଗରରେ ମିଶିଛି । ତେଣୁ ଏହି ନଦୀବନ୍ଧ ଯୋଜନାରେ କୌଣସି ଅଘଟଣ ଅଥବା ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ଭାରତ ଓ ବାଂଲାଦେଶରେ ବ୍ୟାପକ ଅଂଚଳ ଜଳ ପ୍ଲାବନ ହେବ ଏବଂ ଭୟଙ୍କର ବନ୍ୟାର କରାଳ ରୂପ ସୃଷ୍ଟି କରିବା ସହ ଏଥିରେ ବହୁ ଧନଜୀବନ ନଷ୍ଟ ନିଶ୍ଚିତ ହେବ, ଏଥିରେ ସନ୍ଦେହ ନାହିଁ । ଚୀନ୍ ନିର୍ମିତ ଏହି ନଦୀବନ୍ଧ ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ ଶକ୍ତି ଉତ୍ପାଦନ କରିବାରେ ସମର୍ଥ ହେବ । ଏଠାରେ ସୃଷ୍ଟ ଜଳଭଣ୍ଡାର (ରିଜର୍ଭୟର)ରେ ଜଳଧାରଣ କ୍ଷମତା ମଧ୍ୟ ଖୁବ୍ ଅଧିକ । ଚୀନ୍ର ଏହି ନିର୍ମାଣାଧୀନ ନଦୀବନ୍ଧର ଠିକ୍ ତଳଭାଗରେ ରହିଛି ପୃଥିବୀର ଦୀର୍ଘତମ ତଥା ଗଭୀରତମ ଗଣ୍ଡ । ଏହାର ଠିକ୍ ପରେ ଜଳସ୍ରୋତ ଭାରତୀୟ ଅଂଚଳରେ ପ୍ରବେଶ କରିଛି । ମାଣ୍ଡାରିନ୍ ଭାଷାରେ ଲିଖିତ ଏକ ଜର୍ଣ୍ଣାଲ 'ସେଡିମେଟାଂରି ଜିଓଲଜି ଏଣ୍ଡ ତେଥିୟାନ୍ ଜିଓଲଜି'ରେ ଉକ୍ତ ନିର୍ମାଣ କାର୍ଯ୍ୟ ଚାଲୁଥିବା ଅଂଚଳ ଅତି ବିପଦସଙ୍କୁଳ ବୋଲି ଦର୍ଶାଇଛି । ଚୀନ୍ ବୈଜ୍ଞାନିକଙ୍କ ମତ ମଧ୍ୟ ଏହି ପତ୍ରିକାରେ ପ୍ରକାଶ ପାଇଛି । ଜିଓଲଜିଷ୍ଟଙ୍କ ମତରେ, ଉକ୍ତ ନିର୍ମାଣ କାର୍ଯ୍ୟ ଜାରି ଥିବା ଅଂଚଳର ମୃତିକା ଖୁବ୍ ନରମ ଥିବାରୁ ଭବିଷ୍ୟତରେ ସାମାନ୍ୟ ଭୂକମ୍ପ ରଚିପାରେ ଭୟଙ୍କର ତାଣ୍ଡବ । ଏହି ପ୍ରକାର ନିର୍ମାଣ କାର୍ଯ୍ୟକୁ ସେମାନେ ନାପସନ୍ଦ କରିଛନ୍ତି । ଏହି ଅଂଚଳ ହିମାଳୟ ସେସ୍ମିକ ବେଲ୍ଟରେ ଅନ୍ତର୍ଭୁକ୍ତ ଏବଂ ସର୍ବାଧିକ ଭୂକମ୍ପପ୍ରବଣ ଅଂଚଳ । ଏତେ ପରିମାଣରେ ଜଳ ଏକତ୍ର ଠୁଳ ହୋଇ ଏକ ନିର୍ଦ୍ଦିଷ୍ଟ ସୀମିତ ଅଂଚଳରେ ରହୁଥିବାରୁ ଜିଓଲଜିକାଲ ଷ୍ଟ୍ରେସେସ୍ ସୃଷ୍ଟି ହେବାର ସମ୍ଭାବନା ଖୁବ୍ ଅଧିକ । ତିବ୍ବତ୍ର ସିଚୁଆନ୍ ପ୍ରୋଭିନ୍ସରେ ୨୦୦୮ ମସିହାରେ ଘଟିଥିବା ଭୂକମ୍ପରେ ୯୦ ହଜାରରୁ ଉଦ୍ଧ୍ୱର୍ ଜୀବନ ହାନି ଘଟିଥିଲା । 'ଜିପିଙ୍ଗପୁ' ବନ୍ଧରେ ଅତ୍ୟଧିକ ଜଳ ଧାରଣ କାରଣରୁ ଏହାର ଓଜନରେ ବୃଦ୍ଧି ଘଟି ସୃଷ୍ଟି କରିଥିଲା ଦୁର୍ବିପାକ ବୋଲି ବୈଜ୍ଞାନିକମାନେ ମତ ରଖିଥିଲେ । ବର୍ତ୍ତମାନ ଚୀନ୍ ଭବିଷ୍ୟତ ପ୍ରତି ଧ୍ୟାନ ନଦେଇ ନିର୍ମାଣ କରୁଥିବା ଜଳବିଦ୍ୟୁତ ପ୍ରକଳ୍ପ ତଥା ବିରାଟ ଜଳଭଣ୍ଡାର ପ୍ରକୃତି ପ୍ରତି ସୃଷ୍ଟି କରିଛି ବଡ଼ ଆହ୍ୱାନ । ହିନ୍ଦୁକୁଶ ପର୍ବତମାଳା ପ୍ରାୟ ୩୫୦୦ ବର୍ଗ କିଲୋମିଟର ଅଂଚଳରେ ବ୍ୟାପ୍ତ । ଏଠାରେ ୫୪ ହଜାରରୁ ଅଧିକ ଗ୍ଲେସିଅର ରହିଛି । ହିମାଳୟର ଏକ ବିଶାଳ ବରଫ ଭଣ୍ଡାର ଏସିଆ ମହାଦେଶର ଅନେକ ପ୍ରମୁଖ ନଦୀକୁ ଜଳ ଯୋଗାଇଥାଏ । ନେପାଳରେ ଥିବା ଅନ୍ତର୍ଜାତୀୟ ଏକୀକୃତ ପାହାଡ଼ ବିକାଶ କେନ୍ଦ୍ର ରିପୋର୍ଟରେ ଦର୍ଶାଇଥିଲା, ୧୯୭୫ରୁ ଏପର୍ଯ୍ୟନ୍ତ ବରଫ ପାହାଡ଼ର ମୋଟେଇ ୨୭ ମିଟର ହ୍ରାସ ପାଇଛି । 'ଏସିଆର ଜଳ ଟାୱାର' କୁହାଯାଉଥିବା ହିମାଳୟର ବରଫ ଯଦି ତରଳିଯିବ, ତେବେ ନିମ୍ନଭାଗରେ ଥିବା ପ୍ରାୟ ଦୁଇଶହ କୋଟି ଲୋକ ପ୍ରଭାବିତ ହେବେ । ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନର ପରିଣାମ ଇଙ୍ଗିତ କରୁଛି, ୧୩୦୦୦ ଫୁଟ ଓ ତା'ଠାରୁ ଅଧିକ ଉଚ୍ଚତାରେ ବର୍ଷା ହେବାରୁ ବରଫ ସ୍ତର ହ୍ରାସ ପାଇବାରେ ଲାଗିଛି । ଅନ୍ୟ ଏକ ରିପୋର୍ଟ ଅନୁସାରେ, ୧୯୯୦ ଓ ୨୦୨୦ ମସିହା (୩୦ବର୍ଷ) ମଧ୍ୟରେ ହିନ୍ଦୁକୁଶ ହିମାଳୟରେ ଥିବା ବରଫ ପାହାଡ଼ଗୁଡ଼ିକର କ୍ଷେତ୍ରଫଳ ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଇଥିବାରୁ ବରଫ ଜମାଟ ମଧ୍ୟ ହ୍ରାସପାଇ ସେହି ଖାଲି ସ୍ଥାନରେ ଜଳ ଜମିଯାଇ ହ୍ରଦର ରୂପ ନେଇଛି । ନେପାଳରେ ଏଭଳି ହ୍ରଦ ସୃଷ୍ଟି ହୋଇ ଭାଙ୍ଗିଯିବାରୁ ସୃଷ୍ଟି ହୋଇଥିଲା ଜଳ ପ୍ରଳୟ । ଚୀନ୍ ଏହା ଜାଣି ମଧ୍ୟ ତା'ର ଜଳଭଣ୍ଡାରର ବ୍ୟାପ୍ତି ପ୍ରତି କୌଣସି ଧ୍ୟାନ ଦେଇନାହିଁ । ଚୀନ୍ ଷ୍ଟ୍ରାଟାଜିକ୍ ଲାଭ ଆଶାରେ ତିବ୍ବତାନ ଉପତ୍ୟକାରେ ୱାଟର ସେଆରିଙ୍ଗ ତ୍ରିଟି ପ୍ରତି ଭ୍ରୂକ୍ଷେପ ନକରି ଅନେକ ଗୁଡ଼ିଏ ନଦୀବନ୍ଧ ଯୋଜନା ଜାରି ରଖିଛି । ଚୀନ୍ ତା'ର ଏଭଳି ଯୋଜନାଗୁଡ଼ିକ ସମ୍ପର୍କରେ ଗୁପ୍ତତା ରଖିବା ସହ କୌଣସି ଆବଶ୍ୟକ ଜରୁରୀ ଟେକ୍ନିକାଲ ସୂଚନା ପଡ଼ୋଶୀ ଦେଶକୁ ପ୍ରଦାନ କରୁନାହିଁ । ଆନ୍ତର୍ଜାତିକ ଆଇନକୁ ଭ୍ରୂକ୍ଷେପ କରିଚାଲିଛି ଚୀନ୍ । ଗୋଟିଏ ପକ୍ଷରେ ପ୍ରକୃତି ଓ ପରିବେଶର ସୁରକ୍ଷା ପାଇଁ ବିଶ୍ୱ ଶିଖର ସମ୍ମିଳନୀମାନଙ୍କରେ ସଂକଳ୍ପ ପାରିତ ହେଉଛି, ଅପରପକ୍ଷେ ବିଭିନ୍ନ ବିକାଶ ପ୍ରକଳ୍ପ ମଞ୍ଜୁରୀ ବେଳକୁ ସେହି ସଂକଳ୍ପ ପାସୋରା ହୋଇଯାଉଛି । ପରିବେଶ ପ୍ରତିକୂଳ ବିକାଶ କାର୍ଯ୍ୟ ବିନାଶ ଆଡ଼କୁ ବାଟ କଢ଼ାଇ ନେଉଥିବାର ଜାଣି ମଧ୍ୟ ଚୀନ୍ ନଜାଣିବାର ଅଭିନୟ କରିଚାଲିଛି, ଏହା ହିଁ ବିଡ଼ମ୍ବନା । 'ଜଳ ବୋମା' କେତେ ଭୟାନକ ଏବେ ୨୬ ଅଗଷ୍ଟରେ ନେପାଳରେ ଘଟିଥିବା ଦୁଃଖଦ ଘଟଣାରୁ ସହଜରେ ଅନୁମେୟ । ଚୀନ୍ ଯେଉଁ ପ୍ରକଳ୍ପ ବ୍ରହ୍ମପୁତ୍ର ନଦୀର ଉପର ମୁଣ୍ଡରେ ନିର୍ମାଣ କରୁଛି, ଏହାର ଭୟାବହତା ଚୀନ୍ର ବୈଜ୍ଞାନିକମାନେ ବୁଝି ସାରିଥିଲା ବେଳେ ଚୀନ୍ ରାଜନେତାମାନେ ବୁଝି ମଧ୍ୟ ମାନିବାକୁ ପ୍ରସ୍ତୁତ ନୁହନ୍ତି । ଚୀନ୍ର ଏହି ଜଳବିଦ୍ୟୁତ ପ୍ରକଳ୍ପର ଭୟାବହତା ଉପରେ ଚିନ୍ତା ବ୍ୟକ୍ତ କରିଛନ୍ତି ଭାରତୀୟ ଅଧିକାରୀ ତଥା ନେତୃବୃନ୍ଦ । ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି, ନଦୀ ଉପରେ ବିଶାଳ ଜଳ ଭଣ୍ଡାର ସୃଷ୍ଟି, ପ୍ରାକୃତିକ ପ୍ରବାହର ପରିବର୍ତ୍ତନ, ଅବକ୍ଷେପନ ପରିବହନ ପ୍ରକ୍ରିୟା ଭୟଙ୍କର ପ୍ରଳୟଙ୍କରୀ ବନ୍ୟାର ରୂପ ନେବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏଥିରେ ନିହିତ ଚୀନ୍ର ରଣନୈତିକ ଦିଗ । ସାମରିକ ବିଶେଷଜ୍ଞଙ୍କ ମତରେ ଉପରଭାଗରେ ଥିବା ବିଶାଳ ଜଳଭଣ୍ଡାର ତଥା ବିଶାଳ ନଦୀବନ୍ଧ ବେଜିଂକୁ ଏହି ଅଂଚଳରେ ଜଳପ୍ରବାହ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରି କୌଣସି ବିବାଦ କ୍ଷେତ୍ରରେ ଚୀନ୍କୁ ଅଧିକ ଲାଭ ପ୍ରଦାନ କରିପାରିବ । କାରଣ, ତା' ହାତରେ ଥିବା 'ଜଳ ବୋମା'କୁ ଇଚ୍ଛା ମୁତାବକ ନିକ୍ଷେପ କରିବାରେ ସମର୍ଥ । ତେଣୁ ଚୀନ୍ ନିର୍ମିତ ଏହି ବିଶାଳ ଜଳଭଣ୍ଡାରର ଜଳସ୍ରୋତ ପ୍ରବାହ ଏକ ବିଶାଳ ଗନ୍ ଟ୍ରିଗାର୍ ଭଳି ବ୍ୟବହାର କରି ପଡ଼ୋଶୀ ଦେଶର ଅମାପ କ୍ଷୟକ୍ଷତି ଘଟାଇ ପାରିବ । ଶାରୀରିକ ବଳର ସ୍ପର୍ଦ୍ଧା ଦେଖାଇ ମଣିଷ, ମଣିଷ ଉପରେ ପ୍ରଭୁତ୍ୱ ଜାହିର କରିବାକୁ ଚାହୁଁଥିଲାବଳେ ରାସାୟନିକ, ଜୈବିକ ପଦାର୍ଥ ପ୍ରୟୋଗର ଭୟ ଦେଖାଇବା ସହ ଏବେ ପ୍ରକୃତି ପ୍ରଦତ୍ତ ଜଳକୁ ମଧ୍ୟ ବୋମା ସଦୃଶ ବ୍ୟବହାର କରିବାକୁ ପ୍ରଚେଷ୍ଟା ଚଳାଇଛି । ଭୟଙ୍କର ଯୁଦ୍ଧ ବାଦଲ ତଳେ ମାନବ ଜାତି ଆଜି ଗୋଟିଏ ଲୌହ କୁଶରେ ଝୁଲୁଛି । ସମ୍ପ୍ରତି ରାଷ୍ଟ୍ରନାୟକମାନଙ୍କର ଯୁଦ୍ଧଖୋର ମନୋବୃତି, ଅନ୍ୟ ରାଷ୍ଟ୍ରକୁ ପଦଦଳିତ ରଖିବାର ହୀନ ଆଭିମୁଖ୍ୟ ଦେଖିଲେ ମନେହୁଏ ଆମେ ଏପର୍ଯ୍ୟନ୍ତ ପ୍ରକୃତ ଅର୍ଥରେ ସଭ୍ୟ, ସଂସ୍କୃତିସମ୍ପନ୍ନ ଅବା ମାର୍ଜିତ ହୋଇପାରିନାହୁଁ ।

# ଦିଗ୍ବଳୟର ଏ ପାଖରେ : ତିଥି-ଅତିଥିର ଆଳାପ

## ଜୟନ୍ତ କୁମାର ବିଶ୍ୱାଳ

ଲକ୍ଷ ଲକ୍ଷ ଭକ୍ତଙ୍କ ଉତ୍ସାହ ଓ ଉଦ୍ଦୀପନା ଭିତରେ ପବିତ୍ର ରଥଯାତ୍ରା ଓ ବାହୁଡ଼ାଯାତ୍ରା ସଂପନ୍ନ ହୋଇଗଲା । ତଥାପି ଏବେ ବି ବିଦେଶରେ କେଉଁଠି କେଉଁଠି ଅତିଥିରେ ରଥଯାତ୍ରା କରାହେଉଛି ଏବଂ ସେଥିପାଇଁ ସମାଜରେ ବିରୋଧର ଏକ ଗୁଞ୍ଜରଣ ମଧ୍ୟ ଶୁଣାଯାଉଛି । ଅତିଥିରେ ରଥଯାତ୍ରା କରିବା ବିରୁଦ୍ଧରେ ଏକ ପ୍ରବଳ ଜନମତ ଅଛି; କିନ୍ତୁ ଗୋଟିଏ କ୍ଷୀଣ ସ୍ୱର ମଧ୍ୟ ଏହାର ସପକ୍ଷରେ ଅଛି । ଥରେ ଗୋଟିଏ ବୟସ୍କ ବନ୍ଧୁ ମହଲରେ ଏ ବିଷୟରେ ଏକ ଆଲୋଚନା ହୋଇଥିଲା ଏବଂ ସେହି ଆଲୋଚନାର ନିଷ୍କର୍ଷକୁ ଦୁଇଟି ଚରିତ୍ରର ଆଳାପ ମଧ୍ୟରେ ଉପସ୍ଥାପିତ କରାଯାଉଛି । ଯଜ୍ଞବ୍ରତ- ପ୍ରତ୍ୟେକ ତିଥିର କିଛି ମାହାତ୍ମ୍ୟ ଅଛି । ଜଗନ୍ନାଥ ହେଉଛନ୍ତି ଜଗତର ଈଶ୍ୱର । ତାଙ୍କର ମୂଳ ଆସ୍ଥାନ ହେଉଛି ଶ୍ରୀକ୍ଷେତ୍ର, ପୁରୀ । ତାଙ୍କର ପୂଜା, ଆରାଧନା ପାଇଁ ଏହି ମୂଳ ପୀଠ ସହ ସଂଲଗ୍ନ ଶାସ୍ତ୍ରାନୁମୋଦିତ ଅନେକ ବିଧିବିଧାନ ରହିଛି ଏବଂ ଶହ ଶହ ବର୍ଷ ଧରି ଅଗଣିତ ଜନତା ଏହାକୁ ଆନନ୍ଦ ମନରେ ପାଳି ଆସୁଛନ୍ତି । ପ୍ରଭୁ ଜଗନ୍ନାଥଙ୍କୁ ମୂଳ ପୀଠର ଏହି ବିଧି, ଉପଚାରରୁ ବିଚ୍ଛିନ୍ନ କରିଦେବା ପ୍ରଭୁଙ୍କ ପ୍ରତି ଅସମ୍ମାନ । ଜଗନ୍ନାଥଙ୍କର ସମସ୍ତ ପୂଜା, ପାର୍ବଣର ତିଥି ଗ୍ରହ, ନକ୍ଷତ୍ରର ଗଣନାରୁ ହିଁ ହୋଇଥାଏ ଏବଂ ଏହା ଶାସ୍ତ୍ରରେ ଲିପିବଦ୍ଧ ହୋଇ ରହିଥାଏ । ଶାସ୍ତ୍ରାନୁମୋଦିତ ବିଧି ଅନୁସାରେ ପୂଜା, ଅର୍ଚ୍ଚନା କରିବାର ଉଦ୍ଦେଶ୍ୟ ଏହା ଯେ ପ୍ରଭୁଙ୍କ ପୂଜା ପବିତ୍ର ଭାବରେ ହେବ ଏବଂ କିଏ ନିଜର ଖିଆଲ ଅନୁସାରେ ପୂଜା କରି ପ୍ରଭୁଙ୍କର ମର୍ଯ୍ୟାଦା ହାନି କରିବେ ନାହିଁ । ଯେମିତି ଆମେ ଦେଶର ସଂବିଧାନକୁ ମାନୁଛୁ, ଠିକ୍ ସେହିପରି ଗୋଟିଏ ଧର୍ମୀୟ ସଂବିଧାନକୁ ମାନିବାରେ ସେହି ଧର୍ମ ବା ଭାବରେ ବିଶ୍ୱାସ କରୁଥିବା ମଣିଷମାନେ ଦ୍ୱିଧା କରିବା ଉଚିତ ନୁହେଁ । ଜଗନ୍ନାଥ ହେଉଛନ୍ତି ଆମ ଓଡ଼ିଆ ଜାତିର ଆତ୍ମା । ଏତେ ନିବେଦନ କରିସାରିଲା ପରେ ମଧ୍ୟ ଜାଣିଶୁଣି ଅତିଥିରେ ରଥଯାତ୍ରା କରିବା ଆମ ଓଡ଼ିଆ ଜାତିକୁ ମଧ୍ୟ ହେୟ ମନେ କଲା ପରି କଥା । ଅନ୍ୟ କୌଣସି ଧର୍ମରେ ବିଧିର ଏପରି ଉଲ୍ଲଂଘନକୁ କେବେ ସହ୍ୟ କରାଯାଇ ନ ପାରେ । ଶାଶ୍ୱତ- ଯଜ୍ଞବ୍ରତ, ଆମେ ଟିକିଏ ସେମାନଙ୍କ ଦୃଷ୍ଟିକୋଣରୁ କଥାଟିକୁ ଦେଖିବା । ସ୍ଥାନୀୟ ଶାସନର ନିୟମକାନୁନ ଓ କିଛି କ୍ଷେତ୍ରୀୟ ଅସୁବିଧା ଯୋଗୁଁ ତିଥିରେ ରଥଯାତ୍ରା କରିବା ହୁଏତ ସେମାନଙ୍କ ପକ୍ଷେ ସମ୍ଭବପର ହୋଇପାରୁ ନାହିଁ । ଶାସ୍ତ୍ରର ବା ପରମ୍ପରାର ବିଧିକୁ କେତେକ ଅନିବାର୍ଯ୍ୟ କାରଣ ଯୋଗୁଁ ଉଲ୍ଲଂଘନ କରିବାର ଦୃଷ୍ଟାନ୍ତ ଅଛି । ଆମେ ଯେତେବେଳେ ମନ୍ଦିର ଭିତରକୁ ଯାଉ, ବାହାରେ ଜୋତା ବା ଚପଲ ଖୋଲିଦେଇ ଖାଲି ପାଦରେ ଠାକୁରଙ୍କ ପାଖକୁ ଯାଉ । ମାତ୍ର କିଛି ବର୍ଷ ତଳେ ଲଦାଖର ବରଫାଚ୍ଛନ୍ନ ଖରଦୁଙ୍ଗାଲାକୁ ଯାଇଥିଲା ବେଳେ, ଦେଖିଲି ଯେ ସେଠି ଏକ ଶିବ ମନ୍ଦିର ଅଛି । ଆମ ସେନାର ଯବାନମାନେ ତାକୁ କରିଛନ୍ତି । ମନ୍ଦିର ଭିତରକୁ ପ୍ରବେଶ କଲାବେଳେ ଆମେ ଦେଖିଲୁ ଯେ ସେଠି ସମସ୍ତେ ଜୋତା ପିନ୍ଧି, ନିର୍ବିଘ୍ନରେ ମନ୍ଦିର ଭିତରକୁ ଯାଉଛନ୍ତି ଏବଂ ପୂଜା ଅର୍ଚ୍ଚନା କରୁଛନ୍ତି । ମୁଁ ପ୍ରଥମେ ଏହାକୁ ଗ୍ରହଣ କରିପାରୁ ନ ଥିଲି; ମାତ୍ର ପର ମୁହୂର୍ତ୍ତରେ ମୁଁ ବି ଜାଣିପାରିଲି ଯେ ଏଠି ବରଫ ଉପରେ ଖାଲି ପାଦରେ ଯିବା ସମ୍ଭବ ନୁହେଁ । ଆମ ପରି ଭ୍ରମଣକାରୀମାନେ, ଯବାନମାନେ, ଜୋତା ପିନ୍ଧି ମନ୍ଦିର ଭିତରକୁ ଯାଇ ପ୍ରଭୁ ଶିବଙ୍କର ଆରାଧନା କରୁଛନ୍ତି । ମୋର ସେଇଠି ଉପଲବ୍ଧି ହେଲା ଯେ ପ୍ରାର୍ଥନା କରିବା ପାଇଁ ଜୋତା ଖୋଲିବା ଆବଶ୍ୟକ ନୁହେଁ; ହୃଦୟ ଖୋଲିବା ଆବଶ୍ୟକ । ତେଣୁ ପରିସ୍ଥିତିକୁ ଦେଖି ବିଧି, ବିଧାନ ମଧ୍ୟ ବଦଳିଯିବା ସ୍ୱାଭାବିକ । ଯଜ୍ଞବ୍ରତ- ଶାସ୍ତ୍ରସମ୍ମତ ଉପଚାରକୁ ମାନି ପୂଜା କଲେ କ'ଣ ହୃଦୟକୁ ଖୋଲି ଦିଆଯାଇ ପାରେନା ? ସେମିତି ଦେଖିବାକୁ ଗଲେ ଅନେକ ଭକ୍ତ, ଅନେକ ଦରିଦ୍ର, ନିରୀହ ଭକ୍ତଙ୍କର ବି ସେଦିନ କ'ଣ ନା କ'ଣ ଅସୁବିଧା ଥିବ । କିନ୍ତୁ ସେମାନେ ନିଜର ସେ ଅସୁବିଧା କଥା ଭୁଲିଯାଇ ପ୍ରଭୁଙ୍କର ତିଥିକୁ ତ ଆନନ୍ଦର ସହ ପାଳନ କରୁଛନ୍ତି ! ଯେତେବେଳେ ଏ ଶାସ୍ତ୍ର ଲେଖା ହୋଇଥିଲା, ସେତେବେଳେ ଶାସ୍ତ୍ରକାରମାନେ କେବେ କଳ୍ପନା କରି ନ ଥିବେ ଯେ ଦିନେ, ସାତ ସମୁଦ୍ର ତେର ନଈ ଆରପାରିରେ, କେଉଁ ଅଜଣା ଭୂଖଣ୍ଡରେ ରଥଯାତ୍ରା ପାଳିତ ହେବ । ତେଣୁ ବର୍ତ୍ତମାନ ଯେହେତୁ ରଥଯାତ୍ରା ବିଶ୍ୱର ବିଭିନ୍ନ ଦେଶରେ, ବିଭିନ୍ନ ପରିସ୍ଥିତିରେ ପାଳିତ ହେଉଛି, ସେଥିପାଇଁ ଶାସ୍ତ୍ରର ସେହି ନିୟମରେ କିଛି ଉଦାରତାର ସ୍ପର୍ଶ ଆଣିବା ଆବଶ୍ୟକ । ଶାଶ୍ୱତ- ଏହା କେହି ଅସ୍ୱୀକାର କରୁନାହାନ୍ତି । କିନ୍ତୁ ମୌଳିକତଃ ପ୍ରାର୍ଥନାକୁ କୌଣସି 'ପ୍ରୋଟୋକଲ' ମଧ୍ୟରେ ବନ୍ଦୀ କରିବା ଉଚିତ ନୁହେଁ । ପ୍ରାର୍ଥନା ହେଉଛି, ହୃଦୟର ନିଷ୍ପାପ ସମର୍ପଣତା । ଟଲଷ୍ଟୟଙ୍କର 'ଥ୍ରି ହରମିଟ୍ସ' ଗପରେ କ'ଣ ଅଛି ? କେଉଁ ଉଚିତ ପଦ୍ଧତିରେ ପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ହେବ- ଏହା ଶିଖେଇ ସାରି ଅଭିଜ୍ଞ ପାଦ୍ରୀ ଯେତେବେଳେ ଦେଖନ୍ତି ଯେ ସେ ଯେଉଁ ତିନି ଜଣ ଅଶିକ୍ଷିତ ବୃଦ୍ଧଙ୍କୁ ପ୍ରାର୍ଥନାର ବିଧି ଶିଖେଇ ଆସିଥିଲେ, ସେମାନେ ସମୁଦ୍ରର ବିଶାଳ ଜଳରାଶି ଉପରେ ଚାଲି ଚାଲି ପାଦ୍ରୀଙ୍କର ଜାହାଜ ପଛରେ ଆସୁଛନ୍ତି, ସେତେବେଳେ ପାଦ୍ରୀ ତାଙ୍କୁ କହୁଛନ୍ତି, ସେମାନଙ୍କ ପାଇଁ ପ୍ରାର୍ଥନାର କେ ?ଣସି ପଦ୍ଧତିର ଆବଶ୍ୟକତା ନାହିଁ । ଆମେ ବି ଈଶ୍ୱରଙ୍କୁ ପାଇଥିବା ଅନେକ ଲୋକଙ୍କ ବିଷୟରେ ଶୁଣିଛୁ, ଯେଉଁମାନେ ନୈଷ୍ଠିକ ଶାସ୍ତ୍ରଗତ ବିଧିବିଧାନ ମାଧ୍ୟମରେ ନୁହେଁ, ସମର୍ପଣତାର ନିଜସ୍ୱ ଉପାୟରେ ଭଗବାନଙ୍କୁ ପାଇ ପାରିଛନ୍ତି । ଦାସିଆ ବାଉରୀ, ସାଲବେଗ ତ ଏହାର ସ୍ପଷ୍ଟ ଉଦାହରଣ । ଯଜ୍ଞବ୍ରତ- ତୁମେ ଶାସ୍ତ୍ରର ବିଧିକୁ ହୃଦୟର ଆବେଗତର ବିରୋଧୀ ଭାବେ କାହିଁକି ଦେଖୁଛ ? ଏହି ବିଧି ସବୁ କ'ଣ କୌଣସି ମନ୍ଦ ଉଦ୍ଦେଶ୍ୟ ନେଇ ଲେଖାଯାଇଥିଲା ? ଏହାର ଉଦ୍ଦେଶ୍ୟ ତ ମହାନ ଥିଲା ! ଶାଶ୍ୱତ- ଯେତେବେଳେ ଏ ଶାସ୍ତ୍ର ଲେଖା ହୋଇଥିଲା, ସେତେବେଳେ ଶାସ୍ତ୍ରକାରମାନେ କେବେ କଳ୍ପନା କରି ନ ଥିବେ ଯେ ଦିନେ, ସାତ ସମୁଦ୍ର ତେର ନଈ ଆରପାରିରେ, କେଉଁ ଅଜଣା ଭୂଖଣ୍ଡରେ ରଥଯାତ୍ରା ପାଳିତ ହେବ । ତେଣୁ ବର୍ତ୍ତମାନ ଯେହେତୁ ରଥଯାତ୍ରା ବିଶ୍ୱର ବିଭିନ୍ନ ଦେଶରେ, ବିଭିନ୍ନ ପରିସ୍ଥିତିରେ ପାଳିତ ହେଉଛି, ସେଥିପାଇଁ ଶାସ୍ତ୍ରର ସେହି ନିୟମରେ କିଛି ଉଦାରତାର ସ୍ପର୍ଶ ଆଣିବା ଆବଶ୍ୟକ । ହିନ୍ଦୁ ଧର୍ମରେ ଲୁହାର କବାଟ ଲାଗିନାହିଁ; ଏହା ଉଦାର ବୋଲି ତ ଏହା ସନାତନ, ଚିରନ୍ତନ । ଅନ୍ୟ ଧର୍ମରେ ଶାସ୍ତ୍ରକୁ ସମସ୍ତେ ମାନୁଥିବା କଥା କହୁଛ; ମାତ୍ର ଅନ୍ୟ ଧର୍ମରେ ଶାସ୍ତ୍ର କେତେ ନିଷ୍ଠୁର ହୋଇପାରେ ତାହାର କରୁଣ କାହାଣୀ ତ ସମସ୍ତେ ଜାଣନ୍ତି । ପ୍ରଥମ କଥା ହେଲା, ଆମେ ପ୍ରଭୁଙ୍କୁ ଆମ ସଂପତ୍ତି ବୋଲି ଭାବିବା ନାହିଁ । ଆମ ସଂପତି ବୋଲି ଭାବିଲେ, ଆମେ ସଂପତ୍ତିର ରକ୍ଷଣାବେକ୍ଷଣ ପାଇଁ ନିୟମମାନ କରିବା ଏବଂ କିଏ ନ ମାନିଲେ ବ୍ୟତିବ୍ୟସ୍ତ ହୋଇପଡ଼ିବା । ଚିତରଞ୍ଜନ ଦାସ ତାଙ୍କର 'ମନ୍ମଥ ଓ ଜଗନ୍ନାଥ' ପ୍ରବନ୍ଧଟିରେ ଏହି ସଂପତି କଥା ହିଁ ଲେଖିଛନ୍ତି । ତାଙ୍କ ମତରେ, ମୋ ଦେଶଟି କେବଳ ମୋ'ରି, ମୋ ଠାକୁର କେବଳ ମୋ'ରି; ଏଇଟା ହେଉଛି ଏକ ମୋହଗ୍ରସ୍ତ ମନର ଅବସ୍ଥା । ଆମେ ଜଗନ୍ନାଥଙ୍କୁ କାହିଁକି ଆମ ମୋହ ଭିତରେ ରୁଦ୍ଧ କରିଦେବା, ଯିଏ ଅନନ୍ତ ପରିବ୍ୟାପ୍ତ ! ତେଣୁ ଯଦି କେଉଁ ବିଦେଶରେ, ଅନ୍ୟ କେଉଁ ଧର୍ମର ମଣିଷମାନେ, ଜଗନ୍ନାଥଙ୍କୁ ରଥରେ ଆସ୍ଥାନ କରି, ମନଖୁସିରେ ନାଚି, ଗୀତ ଗାଇ ଗଲେ, ଆମେ ତାଙ୍କୁ କାହିଁକି ସେହି ଆନନ୍ଦରୁ ବଂଚିତ କରିବା ! ଆମେ ବରଂ ଆନନ୍ଦିତ ହେବା ଯେ ଆମେ ଯାହାଙ୍କୁ ଆମର ଠାକୁ ବୋଲି କହୁଛୁ, ସେମାନେ ତାହାଙ୍କୁ କେତେ ଶ୍ରଦ୍ଧାରେ ନେଇ ଯାଉଛନ୍ତି । ଏଥିରେ ତ ଗୋଟିଏ ଆପଣାପଣ ଆସିବା କଥା ! ଏଥିରେ ତ ଜଗନ୍ନାଥ ଚେତନାର ପ୍ରସାର ହେଉଛି ! ଯଜ୍ଞବ୍ରତ, ଜଗନ୍ନାଥଙ୍କୁ ଯେତେବେଳେ ତୁମେ ବିଗ୍ରହ ବୋଲି ଦେଖୁଥିବ, ସେତେବେଳ ପର୍ଯ୍ୟନ୍ତ ସେହି ବିଗ୍ରହର ପୂଜା, ଅର୍ଚ୍ଚନା ପାଇଁ ସମସ୍ତ ବିଧି, ଉପଚାର ମୁଖ୍ୟ ହୋଇଯିବ । ମାତ୍ର ଯେତେବେଳେ ଜଗନ୍ନାଥ ତୁମ ପାଇଁ ପରଂବ୍ରହ୍ମ, ଏ ସାରା ସୃଷ୍ଟିର ସ୍ରଷ୍ଟା ହୋଇଯିବେ, ସେତେବେଳେ ପାଞ୍ଜିର କୌଣସି ତିଥି ଏବଂ ସମସ୍ତ ଲୌକିକ ଉପଚାର ଅବାନ୍ତର ହୋଇଯିବ । ଯଜ୍ଞବ୍ରତ- ସେମାନେ ତ ବିଗ୍ରହଙ୍କୁ ନେଇଯାଉଛନ୍ତି । କିନ୍ତୁ ବର୍ତ୍ତମାନ ଆମେ ସେହି ଶାସ୍ତ୍ରୀୟ ବାଧ ବାଧକତାକୁ ଭୁଲିଯିବା । ପ୍ରତ୍ୟେକ ପରିବାରରେ କିଛି ସ୍ମରଣୀୟ ଦିନ ଥାଏ, ଯେମିତି କାହାର ଜନ୍ମଦିନ । ପରିବାରର ସମସ୍ତ ସଦସ୍ୟ, ପୃଥିବୀରେ ଯେଉଁ କୋଣରେ ଥାଆନ୍ତୁ ପଛେ, ସେହି ଦିନକୁ ମାନି ଥାଆନ୍ତି । ସେହିପରି ଧର୍ମରେ ମଧ୍ୟ ପବିତ୍ର ଦିନଗୁଡ଼ିକ ଥାଏ, ଯେପରି ଖ୍ରୀଷ୍ଟମାସ ଦିନ । ସେହିପରି ରାଷ୍ଟ୍ରର ଜୀବନରେ ମଧ୍ୟ ଥାଏ, ଯେପରି ସ୍ୱାଧୀନତା ଦିବସ । ଏହି ଦିନଗୁଡ଼ିକ ପରିସ୍ଥିତି ନେଇ ବଦଳା ଯାଏ ନାହିଁ । ଆମେ ବି ଯେଉଁମାନେ ଜଗନ୍ନାଥ ଭାବକୁ ସମର୍ପିତ ହୋଇଛେ, ଆମେ ତ ଗୋଟିଏ ପରିବାରର ! ଆମ ପରିବାର ପାଇଁ ଏହି ରଥଯାତ୍ରା ତିଥି ତ ଏକ ପବିତ୍ର ଦିନ । ତେବେ ଏହି ପରିବାରର ଆତ୍ମୀୟତାଟି ସେମାନଙ୍କ ପାଖରେ ନ ଆସିବା ଏକ ଦୁଃଖଦାୟକ କଥା ନୁହେଁ କି ?

# ମୁକ୍ତି ସଂଗ୍ରାମର ମହାନାୟକ

ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅଗ୍ରଗଣ୍ୟ ଯୋଦ୍ଧା, କୃଷକ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା, ସମାଜବାଦୀ ଓ ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା, ପ୍ରଗତିଶୀଳ ସାହିତ୍ୟିକ, ଶିକ୍ଷା ବିକାଶର ବିନ୍ଧାଣି ରୂପେ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ରାଜ୍ୟର ଦରିଦ୍ର, ନିଷ୍ପେଷିତ, ଶୋଷିତ ଜନସାଧାରଣଙ୍କ ହୃଦୟରେ ଆଜି ମଧ୍ୟ ବଂଚି ରହିଛନ୍ତି । ଯିଏ ଥରେ ତାଙ୍କୁ ଦେଖିଛି, ତାଙ୍କ ସହିତ ମିଶିଛି, ସେ ଜୀବନରେ ତାଙ୍କୁ ଭୁଲିପାରିବ ନାହିଁ । ମୁକ୍ତି ସଂଗ୍ରାମରେ ଯେଉଁମାନେ ପ୍ରବାଦ ପୁରୁଷ ରୂପେ ଗଣ୍ୟ ହେଉଛନ୍ତି, ପ୍ରାଣନାଥ ସେମାନଙ୍କ ମଧ୍ୟରେ ଅନ୍ୟତମ । ଉଚ୍ଚଶିକ୍ଷା ଲାଭ କରି ମଧ୍ୟ ସେ ସରକାରୀ ଚାକିରି ପ୍ରତି ମନ ନ ବଳାଇ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଓଡ଼ିଶାର ବୀରଭୂମି ରୂପେ ପରିଚିତ ଖୋର୍ଦ୍ଧାକୁ ନିଜର କର୍ମଭୂମି ରୂପେ ସେ ବାଛି ନେଇଥିଲେ । ଇତିହାସ କହେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସ୍ୱର ଖୋର୍ଦ୍ଧା ପାଇକ ସଂଗ୍ରାମ ଜରିଆରେ ଶୁଣାଯାଇଥିଲା । ଏହି ପୁରାତନ ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରାଣନାଥ ବାବୁ ଖୋର୍ଦ୍ଧାର ପାଇକମାନଙ୍କୁ ମେଳି କରାଇ ଏକ ବିଶାଳ ଶୋଭାଯାତ୍ରା ବାହାର କରିଥିଲେ । ପାଇକମାନେ ନିଜର ପାରମ୍ପରିକ ଖଣ୍ଡା, ଢାଲ, ତରବାରି ହାତରେ ଧରି ଖୋର୍ଦ୍ଧାର ରାଜରାସ୍ତା ଉପରେ ପଟୁଆର କରି ଗଲାବେଳେ ସେମାନଙ୍କ ମନରେ ବ୍ରିଟିସ୍ ସରକାର ପ୍ରତି ରହିଥିବା ଭୟ ସମ୍ପୂର୍ଣ୍ଣ ଦୂର ହୋଇଯାଇଥିଲା । ଏହା ହିଁ ଥିଲା ସଂଗ୍ରାମୀ ପ୍ରାଣନାଥଙ୍କର ରାଜନୀତି କ୍ଷେତ୍ରରେ ପ୍ରଥମ ପରିଚୟ । ବ୍ରିଟିସ୍ ସରକାରର ଆଖିରେ ସେ ହୋଇଥିଲେ ପ୍ରଥମ ରାଜଦ୍ରୋହୀ । ଗୋରା ସରକାର ତାଙ୍କ ଉପରେ ଦମନଲୀଳା ଚଳାଇଥିଲେ । ବିଭିନ୍ନ ସମୟରେ ତାଙ୍କୁ ବନ୍ଦୀ କରି ଦୀର୍ଘ ବର୍ଷ ଜେଲ୍ରେ ରଖିଥିଲେ । ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନର ସେ ଥିଲେ ଅନ୍ୟତମ ପ୍ରେରଣାଦାତା ଓ ପୁରୋଧା । ବ୍ରିଟିସ ପଲିଟିକାଲ୍ ଏଜେଂଟ ବେଜେଲ୍ଗେଟ୍ ହତ୍ୟା ମାମଲାରେ ତାଙ୍କୁ ଯୋଡ଼ିବାର ଷଡ଼ଯନ୍ତ୍ର ହୋଇଥିଲା, କିନ୍ତୁ ତାହା ସଫଳ ହୋଇନଥିଲା । ସେହି ମାମଲାକୁ ପରିଚାଳନା କରିବା ପାଇଁ ଯେଉଁ ଡିଫେନ୍ସ କମିଟି ଗଠିତ ହୋଇଥିଲା, ସେ ଥିଲେ ତାହାର ପ୍ରତିଷ୍ଠାତା ଓ ମୁଖ୍ୟ ଉଦ୍ୟୋକ୍ତା । କଟକରୁ ପ୍ରତିଷ୍ଠିତ ଆଇନଜୀବୀମାନଙ୍କୁ ନେଇ ସେ ମାମଲା ପରିଚାଳନା କରିଥିଲେ । ଜାତୀୟ ମୁକ୍ତି ଆନ୍ଦୋଳନ, କୃଷକ ଆନ୍ଦୋଳନ, ରାଜତନ୍ତ୍ର ବିରୋଧୀ ଆନ୍ଦୋଳନ, ଜମିଦାରୀ ପ୍ରଥା ବିରୋଧରେ ଲଢ଼େଇ କରି ସେ ସମୁଦାୟ ଦଶ ଥର କାରାବରଣ କରିଥିଲେ । ଭାଗଚାଷୀ ଆନ୍ଦୋଳନ ଯୋଗୁଁ ତାଙ୍କୁ ଲଙ୍ଗଳ ଚୋରି ମାମଲାରେ ଅଭିଯୁକ୍ତ କରାଯାଇଥିଲା । ଓଡ଼ିଶାରେ ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ମାଳତୀ ଚୌଧୁରୀ, ମୋହନ ଦାସ, ସୁରେନ୍ଦ୍ର ଦ୍ୱିବେଦୀ ପ୍ରମୁଖଙ୍କ ସହ ମିଳିତ ହୋଇ ସେ କଂଗ୍ରେସ-ସୋସାଲିଷ୍ଟ ପାର୍ଟି ଗଠନ କରିଥିଲେ ଏବଂ ଏହି ସଂଗଠନର ପ୍ରଥମ ସଭାପତି ଥିଲେ । ପ୍ରସିଦ୍ଧ ଜାତୀୟ ଶିକ୍ଷାନୁଷ୍ଠାନ କାଶୀ ବିଦ୍ୟାପୀଠରେ ଅଧ୍ୟୟନ କଲାବେଳେ ସେ ସମାଜବାଦ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ ଏବଂ ତାଙ୍କର ଗୁରୁ ଥିଲେ ଆଚାର୍ଯ୍ୟ ନରେନ୍ଦ୍ର ଦେବ । ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ କାଶୀ ବିଦ୍ୟାପୀଠରେ ପ୍ରାଣନାଥଙ୍କ ସହପାଠୀ ଥିଲେ । ଗଡ଼ଜାତ ରାଜାମାନଙ୍କ ବିରୋଧରେ ଆନ୍ଦୋଳନ ଓ ମୋଗଲବନ୍ଦୀ ଅଂଚଳରେ ଜମିଦାରଙ୍କ ବିରୋଧରେ ଚାଷୀ ଆନ୍ଦୋଳନ ବ୍ୟାପକ ରୂପ ନେଇଥିଲା । ୧୯୩୬ରେ ଓଡ଼ିଶାରେ କୃଷକ ସଂଗଠନ ବିଧିବଦ୍ଧ ଭାବରେ ଗଠିତ ହୋଇଥିଲା । ଏହାର ମୁଖ୍ୟ କର୍ତ୍ତା ଭାବରେ ପ୍ରାଣନାଥ ଦୀର୍ଘ ବର୍ଷ ଧରି କୃଷକ ସଭାର ସଭାପତି ଥିଲେ । ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତନ୍ତ୍ରରେ ଅନୁପ୍ରାଣିତ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ପଦ ଗ୍ରହଣ କରିଥିଲେ । ପରେ ପରେ ପ୍ରାଣନାଥ, ଗୁରୁଚରଣ ଓ ଭଗବତୀ ପାଣିଗ୍ରାହୀଙ୍କୁ ନେଇ ଓଡ଼ିଶାରେ ଗୁପ୍ତ କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela-15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com ([illegible]) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ନିଖିଳ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂସଦ ପକ୍ଷରୁ ଗଙ୍ଗାଧର ଜୟନ୍ତୀ ଓ ନୂଆଁଖାଇ ଭେଟଘାଟ୍



ସମ୍ବଲପୁର,୨୦/୯(ନି/ପ୍ର): ସମ୍ବଲପୁର ବୁଢ଼ାରଜାସ୍ଥିତ 'ନିଖିଳ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂସଦ' ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୫ତମ ଜୟନ୍ତୀ ଓ ନୂଆଁଖାଇ ଭେଟଘାଟ୍ - ୨୦୨୬ ସମାରୋହ ସହକାରେ ସଂସଦର ସଭାପତି ତଥା ସମ୍ବଲପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଶୋଭାରାମ ପଧାନଙ୍କ ପୌରୋହିତ୍ୟରେ ଗୁରୁବାର ସନ୍ଧ୍ୟାରେ ଭୀମ ଭୋଇ ମଣ୍ଡପର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟ-ସଂସ୍କୃତିର ପୃଷ୍ଠପୋଷକ ହେମନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଗଣେଶରାମ ନାହାକ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଶ୍ୟାମ ଭୋଇ ଏବଂ ମୁଖ୍ୟବକ୍ତା ରୂପେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗମୁଖ୍ୟ ଅଧ୍ୟାପକ ଅଖିଳ ବିଶ୍ୱାଳ ଯୋଗଦାନ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ଅତିଥିମାନେ ମଣ୍ଡପ ପରିସରରେ ଥିବା ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ମିର୍ଦ୍ଧାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସଦର କର୍ମକର୍ତ୍ତାଙ୍କ ସମେତ ଅତିଥିମାନେ ମାଁ ସମଲେଶ୍ୱରୀ ଓ କବି ଗଙ୍ଗାଧର ମେହେରଙ୍କ ପ୍ରତିଛବି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ମହାପାତ୍ର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇର ମହତ୍ତ୍ୱ ତଥା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଏତେ ବ୍ୟାପକ ଭାବରେ ଗଙ୍ଗାଧର ଜୟନ୍ତୀ ପାଳିତ ହେଉଥିବାରୁ ଗଙ୍ଗାଧରଙ୍କୁ ଜଣେ ଅଦ୍ୱିତୀୟ କବି ଭାବେ ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ନାହାକ ସମଗ୍ର ପଶ୍ଚିମ ଓଡ଼ିଶାରେ ଗୋଟିଏ ଦିନରେ ନୂଆଁଖାଇ ପର୍ବ ପାଳନର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହିତ ଏ ଅଂଚଳର ବିଶେଷତ୍ୱ ବୁଝାଇଥିଲେ । ତା ସହିତ କବି ଗଙ୍ଗାଧରଙ୍କ ବିଭିନ୍ନ ସାହିତ୍ୟକୃତିର ଆଲୋଚନା କରି ମେହେର ସାହିତ୍ୟର ମହନୀୟ ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡକ୍ଟର ଭୋଇ ନୂଆଁଖାଇ କିଭଳି ଭାଇଚାରାର ପର୍ବ ଓ ମାଟି ମାଁ ଏବଂ ଇଷ୍ଟଦେବତା-ଇଷ୍ଟଦେବୀଙ୍କ ପ୍ରତି କୃତଜ୍ଞତା ଅର୍ପଣର ଅମୃତ ଅବସର ବୋଲି ପ୍ରକାଶ କରିବା ସହିତ ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ଥିବା ଆତ୍ମବିଶ୍ୱାସ, କର୍ତ୍ତବ୍ୟପରାୟଣତା, କୃତଜ୍ଞତା, ପ୍ରେମ ପ୍ରଣୟର ଚିତ୍ର ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ବିଶ୍ୱାଳ ନୂଆଁଖାଇ ପର୍ବର ଐତିହ୍ୟ, ଇତିହାସ, ପର୍ବ ପାଳନର ଗୁରୁତ୍ୱ ଆଲୋଚନା କରିବା ସହିତ ଗଙ୍ଗାଧରଙ୍କ କୃଷକ ସଙ୍ଗୀତ କବିତା ଗ୍ରନ୍ଥରୁ ଅନ୍ନର ମହିମା, କୃଷିର ଗୌରବ ଆଦି କବିତାକୁ ଆଧାର କରି ଅନ୍ନ ଉତ୍ପାଦନ ଓ ଅନ୍ନର ଗୁରୁତ୍ୱ ଓ ନବାନ୍ନ ଭକ୍ଷଣ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ପବିତ୍ର ଅବସରରେ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ମାଇକ୍ରୋବାଇଲୋଜି ବିଭାଗମୁଖ୍ୟ ଡାକ୍ତର ପ୍ରଫେସର ବିଜୟ ରଞ୍ଜନ ମିର୍ଦ୍ଧାଙ୍କୁ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅନବଦ୍ୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଅଧ୍ୟାପିକା ସୁଶ୍ରୀ ଗାୟତ୍ରୀ ଆଚାରୀ।ପ୍ରଫେସର ମିର୍ଦ୍ଧା ସମ୍ବର୍ଦ୍ଧନାର ଉତ୍ତରରେ ନିଖିଳ ଓଡ଼ିଶା ଆଦିବାସୀ ସାଂସ୍କୃତିକ ସଂସଦ ନିକଟରେ ଗଭୀର କୃତଜ୍ଞତା ଅର୍ପଣ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବିତ ନିୟନ୍ତ୍ରକ ଚନ୍ଦ୍ରମଣି ମିର୍ଦ୍ଧା ସଂସଦର ନିୟମିତ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ସଭାପତି ଶୋଭାରାମ ପଧାନ ତାଙ୍କ ଅଭିଭାଷଣରେ ନୂଆଁଖାଇ ପର୍ବର ମହତ୍ତ୍ୱ ତଥା ଗୁରୁତ୍ୱ ଦର୍ଶାଇବା ସହିତ ଏହା ଆମ ସମସ୍ତଙ୍କୁ କିଭଳି ଏକାତାର ସୂତ୍ରରେ ବାନ୍ଧି ରଖିଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଶୋକ ଲିଙ୍ଗ, ଅଧ୍ୟାପକ ରୋଶନ ଭୋଇ, ଶାନ୍ତନୁ ଦାନୀ, ଅବିନାଶ ଧର, ରଜନୀକାନ୍ତ ମହାପାତ୍ର, ଅଧ୍ୟାପକ ଡକ୍ଟର ସୁରୁ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ବିଜୁ ଏକ୍ସପ୍ରେସୱେରେ ଧୂଳିର ପ୍ରଭାବ

## ପ୍ରସନ୍ନ ପଣ୍ଡା ଛକରୁ ଖେରୱାଲ ପର୍ଯ୍ୟନ୍ତ ପାଣି ସିଂଚନ ଓ ନିୟମିତ ସଫେଇ ଦାବି

ଝାରସୁଗୁଡ଼ା,୨୦/୯(ନି/ପ୍ର): ଝାରସୁଗୁଡ଼ା ସହର ଦେଇ ଯାଇଥିବା ବିଜୁ ଏକ୍ସପ୍ରେସୱେରେ ଧୂଳି ପ୍ରଦୂଷଣ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରସନ୍ନ ପଣ୍ଡା ଛକରୁ ଖେରୱାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ବ୍ୟାପକ ଧୂଳି ଉଡୁଥିବାରୁ ଯାତ୍ରୀ, ବାଇକ୍ ଚାଳକ ଓ ରାସ୍ତାକଡ଼ରେ ରହୁଥିବା ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ରାସ୍ତା ଝାରସୁଗୁଡ଼ାର ଏକ ପ୍ରମୁଖ ଯାତାୟାତ ମାର୍ଗ ହୋଇଥିବାରୁ ପ୍ରତିଦିନ ହଜାର ହଜାର ଭାରୀଯାନ ସମେତ ବହୁ ସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରୁଛି। ବିଭିନ୍ନ ଶିଳ୍ପ ସଂସ୍ଥାର ବର୍ଜ୍ୟବସ୍ତୁ ଓ କୋଇଲା ପରିବହନ କରୁଥିବା ଯାନରୁ ରାସ୍ତା ଉପରେ ସାମଗ୍ରୀ ଖସି ପଡୁଥିବା ଅଭିଯୋଗ ହେଉଛି। ଫଳରେ ରାସ୍ତାରେ ଜମି ରହୁଥିବା ଧୂଳି ଯାନବାହନ ଚଳାଚଳ ସମୟରେ ଉଡ଼ି ପରିବେଶକୁ ଧୂଳିମୟ କରୁଛି। ବିଶେଷକରି ଭାରୀଯାନ ଚଳାଚଳ ସମୟରେ ରାସ୍ତାରେ ଘନ ଧୂଳି ଉଡ଼ିବା ଯୋଗୁଁ ଅନ୍ୟ ଯାନର ଚାଳକଙ୍କ ଦୃଶ୍ୟମାନତା ପ୍ରଭାବିତ ହେଉଛି। ଏହା ଦୁର୍ଘଟଣାର ଆଶଙ୍କା ବଢ଼ାଇବା ସହ ରାସ୍ତାକଡ଼ରେ ଥିବା ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ଓ ଘରଗୁଡ଼ିକ ମଧ୍ୟ ଧୂଳିରେ ଆଚ୍ଛାଦିତ ହେଉଛି। ଦୀର୍ଘ ସମୟ ଧରି ଧୂଳି ପ୍ରଦୂଷଣ ଜାରି ରହିଲେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ଏହି ରାସ୍ତାରେ ନିୟମିତ ସଫେଇ କରିବା ସହ ଧୂଳି ନିୟନ୍ତ୍ରଣ ପାଇଁ ଦିନକୁ ଅନ୍ତତଃ ଦୁଇରୁ ତିନିଥର ପାଣି ସିଂଚନ କରିବାକୁ ଦାବି କରିଛନ୍ତି। ଏଥିସହ କୋଇଲା ଓ ଅନ୍ୟ ବର୍ଜ୍ୟବସ୍ତୁ ପରିବହନ କରୁଥିବା ଯାନରୁ ରାସ୍ତାରେ ସାମଗ୍ରୀ ନ ପଡ଼ିବା ଏବଂ ନିୟମ ଅନୁସାରେ ଢାଙ୍କି ନେବା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ମଧ୍ୟ ଦାବି ହୋଇଛି। ସମସ୍ୟା ସମ୍ପର୍କରେ ଝାରସୁଗୁଡ଼ା ଆରଟିଓ ଗୌରହରି ହାଂସଦାଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ। ଧୂଳି ପ୍ରଦୂଷଣ ଯୋଗୁଁ ଦୈନନ୍ଦିନ ଯାତାୟାତ ସହ ଜନଜୀବନ ପ୍ରଭାବିତ ହେଉଥିବାରୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାସ୍ଥଳ ଯାଂଚ୍ କରି ନିୟମିତ ସଫେଇ, ପାଣି ସିଂଚନ ଓ ଭାରୀଯାନରୁ ରାସ୍ତାରେ ବର୍ଜ୍ୟବସ୍ତୁ ଖସିବା ରୋକିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଦିଶା ବୈଠକରେ ଜୟପୁର ବିଧାୟକଙ୍କ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

ଜୟପୁର,୨୦/୯(ନି/ପ୍ର): ଦିଶା ବୈଠକରେ କୋରାପୁଟ ଜିଲ୍ଲାର ସାମଗ୍ରିକ ଓ ତୃଣମୂଳ ସ୍ତରର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଗ୍ରାମାଂଚଳର ବାସ୍ତବ ସମସ୍ୟା, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ବିଭାଗୀୟ ଅଧିକାରୀଙ୍କ ଉତରଦାୟିତ୍ୱ ଏବଂ ସାଧାରଣ ଲୋକଙ୍କ ପାଖରେ ବିକାଶର ସୁଫଳ ପହଂଚାଇବା ନେଇ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜୟପୁର ବିଧାୟକ ଶ୍ରୀ ତାରାପ୍ରସାଦ ବାହିନିପତି ଗ୍ରାମ ଓ ପଂଚାୟତ ସ୍ତରରେ ଲୋକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାକୁ ଗୁରୁତ୍ୱର ସହ ଉଠାଇଥିଲେ। ରାସ୍ତାଘାଟର ଦୁରବସ୍ଥା, ଯାତାୟାତ ସମସ୍ୟା, ସ୍ୱାସ୍ଥ୍ୟସେବାର ଉପଲବ୍ଧତା, ଶିକ୍ଷା ବ୍ୟବସ୍ଥାର ଉନ୍ନତି, କୃଷକଙ୍କ ସମସ୍ୟା, ପାନୀୟଜଳ, ଗ୍ରାମୀଣ ଭିତିଭୂମି, ସରକାରୀ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ଓ ଲୋକଙ୍କୁ ସମୟୋଚିତ ସେବା ଯୋଗାଇବା ଭଳି ବିଷୟ ଆଲୋଚନାର ପ୍ରମୁଖ ଅଂଶ ଥିଲା। ବାହିନିପତି କହିଥିଲେ ଯେ, ବିକାଶର ପ୍ରକୃତ ମାପଦଣ୍ଡ ହେଉଛି ଗ୍ରାମ ଓ ଗରିବ ଲୋକଙ୍କ ଜୀବନରେ ଆସୁଥିବା ପରିବର୍ତ୍ତନ। ସରକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ସୁଫଳ ଯେପରି ଶେଷ ପର୍ଯ୍ୟାୟର ଲୋକଙ୍କ ନିକଟରେ ପହଂଚିବ, ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଗ୍ରାସରୁଟ୍ ସ୍ତରରେ ଅଧିକ ସକ୍ରିୟ ଓ ଦାୟିତ୍ୱଶୀଳ ଭାବରେ କାର୍ଯ୍ୟ କରିବା ଆବଶ୍ୟକ। କୋରାପୁଟ ଜିଲ୍ଲାର ଅର୍ଥନୀତି ଓ କୃଷକଙ୍କ ଜୀବନ ସହ ଜଡ଼ିତ କୃଷି ପ୍ରସଙ୍ଗ ମଧ୍ୟ ବୈଠକରେ ବିଶେଷ ଗୁରୁତ୍ୱ ପାଇଥିଲା। କୋରାପୁଟର ଏକ ପ୍ରମୁଖ ଶସ୍ୟ ମାଣ୍ଡିଆକୁ ନେଇ ଜୟପୁର ବିଧାୟକ ବାହିନିପତି ଜିଲ୍ଲା କୃଷି ଅଧିକାରୀଙ୍କୁ ସିଧାସଳଖ ପ୍ରଶ୍ନ କରିଥିଲେ। ମାଣ୍ଡିଆ କେବେ ବୁଣାଯାଏ, କେବେ ଏହାର ଉତ୍ପାଦନ ହୁଏ ଏବଂ ଏହା ସମ୍ପର୍କିତ ମୌଳିକ କୃଷି ତଥ୍ୟ ବିଷୟରେ ସେ ଅଧିକାରୀଙ୍କୁ ପଚାରିଥିଲେ। ତେବେ ଅଧିକାରୀଙ୍କ ଉତରରେ ବିଧାୟକ ସନ୍ତୁଷ୍ଟ ନହୋଇ କଡ଼ା ତାଗିଦ୍ କରିଥିଲେ। କୃଷକଙ୍କ ସହ ସିଧାସଳଖ ଭାବେ ଜଡ଼ିତ କୃଷି ବିଭାଗର ଅଧିକାରୀମାନେ ଜିଲ୍ଲାର ପ୍ରମୁଖ ଫସଲ, ଚାଷ ପ୍ରଣାଳୀ, ବୁଣା ଓ ଅମଳ ସମୟ ସମ୍ପର୍କରେ ସଠିକ୍ ଓ ବ୍ୟବହାରିକ ଜ୍ଞାନ ରଖିବା ଆବଶ୍ୟକ ବୋଲି ସେ ଜୋର ଦେଇଥିଲେ। କୃଷକଙ୍କ ପ୍ରତି ବିଭାଗୀୟ ଦାୟିତ୍ୱରେ କୌଣସି ପ୍ରକାର ଅବହେଳା ନହେବା ଉଚିତ ବୋଲି ବିଧାୟକ ସ୍ପଷ୍ଟ ଭାବରେ ମତ ରଖିଥିଲେ। ଏହି ପ୍ରସଙ୍ଗ ପରେ ଜିଲ୍ଲା କୃଷି ଅଧିକାରୀଙ୍କ ଦରମା ବନ୍ଦ କରିବା ସମ୍ପର୍କରେ ଜିଲ୍ଲାପାଳଙ୍କୁ ବିଧାୟକଙ୍କ ପକ୍ଷରୁ ନିର୍ଦ୍ଦେଶ/ତାଗିଦ୍ ଦିଆଯାଇଥିବା ଜଣାଯାଇଛି। ଜିଲ୍ଲାର ବିଭିନ୍ନ ଅଂଚଳରେ ରାସ୍ତାଘାଟର ଅବସ୍ଥା, ଗ୍ରାମାଂଚଳର ଯୋଗାଯୋଗ ବ୍ୟବସ୍ଥା ଓ ଆବଶ୍ୟକ ଭିତିଭୂମି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଧାୟକ ବାହିନିପତି ଗ୍ରାମାଂଚଳର ଲୋକମାନେ ଯେପରି ଉନ୍ନତ ଯାତାୟାତ ବ୍ୟବସ୍ଥା ପାଇପାରିବେ ଏବଂ ରାସ୍ତା ଓ ଅନ୍ୟାନ୍ୟ ଭିତିଭୂମି କାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପନ୍ନ ହେବ, ସେଥିପାଇଁ ବିଭାଗୀୟ ସ୍ତରରେ ନିୟମିତ ତଦାରଖ ଓ ଉତରଦାୟିତ୍ୱ ନିଶ୍ଚିତ କରିବା ଉପରେ ଜୋର ଦେଇଥିଲେ। କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଓ ଗ୍ରାମାଂଚଳରେ ଲୋକମାନଙ୍କୁ ଉଚିତ୍ ସମୟରେ ଚିକିତ୍ସା ସେବା ମିଳିବା ସମ୍ପର୍କରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସରକାରୀ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ସେବା, ମାନବସମ୍ବଳ ଓ ଭିତିଭୂମିର ସ୍ଥିତି ଉପରେ ନଜର ରଖିବା ସହ ଦୁର୍ଗମ ଅଂଚଳର ଲୋକମାନେ ଯେପରି ସ୍ୱାସ୍ଥ୍ୟସେବାରୁ ବଂଚିତ ନହୁଅନ୍ତି, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷା ବ୍ୟବସ୍ଥାର ବିକାଶ, ବିଦ୍ୟାଳୟଗୁଡ଼ିକର ଆବଶ୍ୟକ ଭିତିଭୂମି, ଛାତ୍ରଛାତ୍ରୀଙ୍କ ସୁବିଧା ଏବଂ ଦୁର୍ଗମ ଅଂଚଳରେ ଶିକ୍ଷାର ସୁଯୋଗକୁ ଆହୁରି ସୁଦୃଢ଼ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତା ଭଳି ମୌଳିକ କ୍ଷେତ୍ରରେ ସରକାରୀ ଯୋଜନାର ବାସ୍ତବ ଲାଭ ଲୋକଙ୍କ ପାଖରେ ପହଂଚିବାକୁ ହେଲେ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ନିୟମିତ ନିରୀକ୍ଷଣ ଆବଶ୍ୟକ ବୋଲି ବିଧାୟକ ଶ୍ରୀ ବାହିନିପତି ମତ ରଖିଥିଲେ। ଦିଶା ବୈଠକରେ ଉଠିଥିବା ସମସ୍ତ ପ୍ରସଙ୍ଗ ବିକାଶର ଲାଭ ଗ୍ରାସରୁଟ୍ ସ୍ତରରେ ପହଂଚାଇବା ଏବଂ ସାଧାରଣ ଲୋକଙ୍କ ଦୈନନ୍ଦିନ ସମସ୍ୟାର ସମାଧାନ କରିବା ଉପରେ ବିଧାୟକ ଶ୍ରୀ ତାରାପ୍ରସାଦ ବାହିନିପତି ବିଶେଷ ଗୁରୁତ୍ୱ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ, କୋରାପୁଟ ଭଳି ଜିଲ୍ଲାରେ ବିକାଶ କେବଳ କାଗଜପତ୍ର ଓ ରିପୋର୍ଟରେ ସୀମିତ ନରହି ଏହାର ପ୍ରତ୍ୟକ୍ଷ ସୁଫଳ ଗ୍ରାମ, ପଚାଂୟତ ଓ ସାଧାରଣ ଲୋକଙ୍କ ଜୀବନରେ ଦୃଶ୍ୟମାନ ହେବା ଆବଶ୍ୟକ। ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ ପ୍ରତ୍ୟେକ ବିଷୟରେ ଦାୟିତ୍ୱଶୀଳ ଭାବରେ କାର୍ଯ୍ୟ କରିବା, ସରକାରୀ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ଓ ବିଭାଗୀୟ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ନିଶ୍ଚିତ କରିବା ହିଁ ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ରେମତାରେ ନୂଆଁଖାଇ ଭେଟଘାଟ, ନୃତ୍ୟରେ ଝୁମିଲେ ଦର୍ଶକ



ଝାରସୁଗୁଡା,୨୦/୯(ନି/ପ୍ର): ଲଖନପୁର ବ୍ଲକ ୧୯ ଖଣ୍ଡ ମୌଜା ଅନ୍ତର୍ଗତ ରେମତା ଗ୍ରାମରେ ନୂଆଁଖାଇ ଭେଟଘାଟ୍ ଉପଲକ୍ଷେ ମାତୃଭୂମି ଯୁବଗୋଷ୍ଠୀ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଓ ମେଧାବୀ ଛାତ୍ରଛାତ୍ରୀ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଡ଼ୋଶୀ ଛତିଶଗଡ଼ ସମେତ ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ ଜିଲ୍ଲାରୁ ପ୍ରତିଯୋଗୀ ମାନେ ଭାଗ ନେଇ ନୃତ୍ୟ ପ୍ରତିଯୋଗିତାରେ ବେଶ୍ ଉଚ୍ଚକୋଟିର ନୃତ୍ୟ ପରିବେଷଣ ଥିଲେ । ଉକ୍ତ ପ୍ରତିଯୋଗିତାରେ ଦର୍ଲିପାଲିର ନିତୁ ନେଟି ପ୍ରଥମ ସ୍ଥାନ ଅଧିକାର କରି ଟ୍ରଫି, ମାନପତ୍ର ସହ ୧୫ ହଜାର ଟଙ୍କା ପୁରସ୍କାର ପାଇଥିଲେ । ଅତାବିରାର କ୍ଷିତୀରାଣୀ ମଲ୍ଲିକ ଦ୍ୱିତୀୟ ସ୍ଥାନ ହାସଲ କରି ୮ ହଜାର ଟଙ୍କା, ଛତିଶଗଡ଼ର ମୋହିନୀ ଡାନ୍ସ ଗ୍ରୁପ ତୃତୀୟ ସ୍ଥାନ ହାସଲ କରି ୫ ହଜାର ଟଙ୍କା, ସମ୍ବଲପୁରର ଗ୍ୟାଙ୍ଗଷ୍ଟାର ଡାନ୍ସ ଗ୍ରୁପ ଚତୁର୍ଥ ସ୍ଥାନ ପାଇ ୩ ହଜାର ୧୦୦ ଟଙ୍କା ଏବଂ ଆର୍ଯ୍ୟନ ଡାନ୍ସ ଗ୍ରୁପ ପଂଚମ ସ୍ଥାନ ହାସଲ କରି ୨ ହଜାର ୧୦୦ ଟଙ୍କା ପୁରସ୍କାର ପାଇଥିଲେ। ବିଜେତା ମାନଙ୍କୁ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍ସ, ରାୟପୁରର ଡା. ବିଜୟ ଗୁପ୍ତା, ବେଲପାହାଡ଼ର ସାମାଜିକ କର୍ମୀ ସ୍ମୃତିରଞ୍ଜନ ପ୍ରଧାନ, ରେମତା ଗ୍ରାମ୍ୟ କମିଟି ସଭାପତି ଚତୁର୍ଭୁଜ ବିଶ୍ୱାଳ, ରେମତା ସରପଂଚ ପ୍ରଫୁଲ୍ଲ ସିଂ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ମୁଖ୍ୟ ବକ୍ତା ଭାବେ ସମ୍ବଲପୁରର ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡା ଯୋଗଦେଇ ଗ୍ରାମାଂଚଳରେ ଏଭଳି ଆୟୋଜନ ଯୁବପିଢ଼ିଙ୍କ ପ୍ରତିଭା ବିକାଶ ସହ ସାମାଜିକ ଏକତାକୁ ସୁଦୃଢ଼ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରେମତା ଗ୍ରାମର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ାରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା । ବିଚାରକ ଭାବେ ଅଚଂଳର ସୁନାମଧନ୍ୟ କଳାକାର ରାଜେଶ କୁମାର ସିଂହ ଏବଂ ଅବସରପ୍ରାପ୍ତ ଶିକ୍ଷକ ତୁଳାରାମ ରହେନା ଦାୟିତ୍ୱ ନିର୍ବାହ କରିଥିଲେ। ସହକାରୀ ଶିକ୍ଷକ ସୁନ୍ଦରଲାଲ ଦାଶ ମଂଚ ସଂଚାଳନ କରିଥିବା ବେଳେ ଦୀକ୍ଷିତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜନର ସଫଳତା ପାଇଁ ମାତୃଭୂମି ଯୁବଗୋଷ୍ଠୀର ଶ୍ରୀପତି ମହାପାତ୍ର, ରଞ୍ଜିତ ବିଶ୍ୱାଳ, କେଶବ ଭୂଏ, ଦୀକ୍ଷିତ ସିଂ, ପ୍ରକାଶ ପ୍ରଧାନ, ବିମଳ ପ୍ରଧାନ, ବାବୁଲାଲ ପାଣ୍ଡେ, ସୁନ୍ଦରଲାଲ ଦାଶଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ନୂଆଁଖାଇର ଭାଇଚାରା ଓ ସାଂସ୍କୃତିକ ପରମ୍ପରାକୁ ଆଧାର କରି ଆୟୋଜିତ ଏହି ସମାରୋହରେ ଆଖପାଖ ଅଂଚଳରୁ ବହୁ ସଂଖ୍ୟାରେ ଦର୍ଶକ ଯୋଗଦେଇ ନୃତ୍ୟ ପ୍ରତିଯୋଗିତାର ମଜା ନେଇଥିଲେ ।

# ଝାରସୁଗୁଡ଼ା ଷ୍ଟେସନର ବଦଳିବ କଳେବର:

ଝାରସୁଗୁଡ଼ା, ୨୦/୯(ନି/ପ୍ର): ଝାରସୁଗୁଡ଼ା ରେଳ ଷ୍ଟେସନର ଭିତିଭୂମିରେ ଆହୁରି ବିକାଶ ଆଣିବା ସହ ପ୍ଲାଟଫର୍ମ ସଂଖ୍ୟା ୫ରୁ ୧୦କୁ ବୃଦ୍ଧି କରାଯିବ। ଏଥିପାଇଁ ଅତିରିକ୍ତ ରେଳ ଲାଇନ୍ ନିର୍ମାଣ ସମେତ ବିଭିନ୍ନ ପ୍ରସ୍ତାବିତ ଯୋଜନାର ସମୀକ୍ଷା କରାଯାଇଛି। ଦକ୍ଷିଣ ପୂର୍ବ ରେଳବାଇର ଜେନେରାଲ ମ୍ୟାନେଜର ଅନିଲ କୁମାର ଜୈନ ଝାରସୁଗୁଡ଼ା ଗସ୍ତ କରି ଷ୍ଟେସନ ପରିସର, ରେଳ ୟାର୍ଡ ଓ ରେଳ ପରିଚାଳନା ବ୍ୟବସ୍ଥାର ବିସ୍ତୃତ ତଦାରଖ କରିଥିଲେ। ଗସ୍ତ ସମୟରେ ଯାତ୍ରୀ ସୁବିଧା, ରେଳ ସୁରକ୍ଷା ଓ ଭିତିଭୂମି ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଷ୍ଟେସନର କଳେବର ବୃଦ୍ଧି ପାଇଁ ଅତିରିକ୍ତ ରେଳ ଲାଇନ୍ ନିର୍ମାଣ ଏବଂ ବର୍ତ୍ତମାନର ୫ଟି ପ୍ଲାଟଫର୍ମକୁ ୧୦ଟିକୁ ବୃଦ୍ଧି କରିବା ନେଇ ପ୍ରସ୍ତାବିତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଏମ୍ ସମୀକ୍ଷା କରିଥିଲେ। ଏଥିସହ ରେଳ ୟାର୍ଡର ସୁରକ୍ଷା ବ୍ୟବସ୍ଥା ଯାଂଚ୍ କରି ରେଳ ଚଳାଚଳରେ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡକୁ କଡ଼ାକଡ଼ି ଭାବେ ପାଳନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅବସରରେ ଜିଏମ୍ ବିଏନଆର ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ।

# ସାପ କାମୁଡାରେ ମହିଳା ମୃତ



ପାପଡାହାଣ୍ଡି,୨୦/୯(ନି/ପ୍ର): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ପାତ୍ର ସାହିରେ ସାପ କାମୁଡା ରେ ମହିଳା ମୃତ ଘଟିଛି. ମୃତ ମହିଳା ଜଣକ ଏ. ମାଳତୀ ରାଓ ବୋଲି ଜଣାପଡିଛି। ସୂଚନା ଅନୁଯାଇ ପାପଡାହାଣ୍ଡି ଗ୍ରାମର ଏ. ମାଳତୀ ରାଓ ଶୁକ୍ରବାର ଦିନ ରାତ୍ରିଶୋଇପଡିବା ସମୟରେ ଏକ ବିଷାକ୍ତ ସାପ ତାଙ୍କ ଗୋଡ଼ ରେ କାମୁଡି ଦେଇଥିଲା. ଘରେ ସେ ଜଣେ ରହିଥିବା ଯୋଗୁ ସେ ଆଖପାଖ ପୋଡ଼ସୀ କୁ ଜଣେଇବା ପରେ ପୋଡ଼ସୀ ଏକ ଅଟୋ ଯୋଗେ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥକେନ୍ଦ୍ର ଠାରେ ଭର୍ତି କରିଥିଲେ. ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଯୋଗୁ ଡାକ୍ତର ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାଂତର କରିଥିଲେ. ନବରଙ୍ଗପୁର ଜିଲ୍ଲା ମେଡିକାଲ ରେ ଡାକ୍ତର ଏ. ମାଳତୀ ରାଓ କୁ ମୃତ ଘୋଷଣା କରିଥିଲେ.ଏନେଇ ମାଳତୀ ଙ୍କ ଭଣଜା ଏନ. ଜନାର୍ଦ୍ଦନ ରାଓ ପାପଡାହାଣ୍ଡି ଥାନାରେ ଲିଖିତ ରିପୋର୍ଟ ଦାୟର କରିଥିଲେ.ଲିଖିତ ଅଭିଯୋଗ ଅନୁଯାଇ ପାପଡାହାଣ୍ଡି ଥାନା ୟୁଡ଼ିକେଶ ନ ୦୮/୨୬ ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ୨୨ ଚକିଆ ଟ୍ରକ୍ ଦୁର୍ଘଟଣା:

## ଫସିଥିବା ଚାଳକ ଓ ହେଲ୍‌ପରଙ୍କୁ ଉଦ୍ଧାର କଲା ପୁଲିସ



ସମ୍ବଲପୁର,୨୦/୯(ନି/ପ୍ର): ଗତ ରାତି ପ୍ରାୟ ୧୧ଟା ୫୮ ମିନିଟ୍ ସମୟରେ ରାତ୍ରି ପାଟ୍ରୋଲିଂ ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀମାନେ ଆଇରନ୍ ଫ୍ୟାକ୍ଟ୍ରି ଅଚଂଳ ନିକଟସ୍ଥ ମହିନ୍ଦ୍ରା ସୋ'ରୁମ୍ ସମ୍ମୁଖରେ ଏକ ୨୨ ଚକିଆ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଭିତରେ ଚାଳକ ଓ ହେଲ୍‌ପର ଫସି ରହିଥିବା ସହ ଆହତ ହୋଇଥିବା ଜଣାପଡ଼ିଥିଲା। ପୁଲିସ ଟିମ୍ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ପାଟ୍ରୋଲିଂ ଗାଡ଼ିରେ ବୁର୍ଲା ହସ୍ପିଟାଲକୁ ନେଇ ଚିକିତ୍ସା ପାଇଁ ଭର୍ତି କରିଥିଲେ। ଆହତଙ୍କ ମଧ୍ୟରୁ ଜଣଙ୍କର ଡାହାଣ ହାତ ଓ କାନରେ ଗୁରୁତର ଆଘାତ ଲାଗିଥିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତି କରାଯାଇ ଚିକିତ୍ସା ଦିଆଯାଉଛି। ଘଟଣା ସମ୍ପର୍କରେ ତୁରନ୍ତ ବରେଇପାଲି ଥାନାକୁ ଅବଗତ କରାଯାଇଥିଲା। ଏନେଇ ଆବଶ୍ୟକୀୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ଭଦ୍ରକରେ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମ

## ବିଷ୍ଣୁ ଭାଇ ଥିଲେ ନିଷ୍ଠା ଓ ଦିଗଦର୍ଶନର ପ୍ରତୀକ :ଧର୍ମେନ୍ଦ୍ର ପ୍ରଧାନ



ଭଦ୍ରକ/ତିହିଡ଼ି/ଭୁବନେଶ୍ୱର,୨୦/୯(ନି/ପ୍ର): ଧାମନଗରର ପୂର୍ବତନ ବିଧାୟକ, ଓଡ଼ିଶା ବିଧାନସଭାର ପୂର୍ବତନ ବିରୋଧୀ ଦଳର ଉପନେତା ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀ ଏବେ ଜଣେ ବିଚାର ଓ ଅନୁଷ୍ଠାନରେ ପରିଣତ ହୋଇସାରିଛନ୍ତି । ସେ ଥିଲେ ଜନସେବା, ନିଷ୍ଠା ଓ ଦଳୀୟ ସଂଗଠନକୁ ନୂତନ ଦିଗଦର୍ଶନ ଦେବାର ଏକ ସୁଦୃଢ଼ ଆଦର୍ଶ ଏବଂ ପ୍ରେରଣାର ମହାନ୍ ପ୍ରତୀକ। ଶନିବାର ତାଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଭଦ୍ରକ ଜିଲ୍ଲା ତିହିଡ଼ି ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଏହି ଅବସରରେ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ 'ବିଷ୍ଣୁ ସେଠୀ ସ୍ମୃତି ସଂସଦ' ଦ୍ୱାରା ପ୍ରକାଶିତ 'ବିଷ୍ଣୁ ବିଭବ' ଓ 'ଘାସଫୁଲ'ର ବିଶେଷ ପତ୍ରିକା ଏବଂ ସଂସ୍କରଣ ସହ 'ଘାସଫୁଲ' ନାମକ ଡିଜିଟାଲ୍ ୱେବସାଇଟ୍ ର ଲୋକାର୍ପଣ କରିଥିଲେ । ଏହି ସ୍ମରଣ ସଭାରେ ଶ୍ରୀ ପ୍ରଧାନ ନିଜର ପୁରୁଣା ସ୍ମୃତିରୋମନ୍ଥନ କରି କହିଛନ୍ତି ଯେ, ୨୦୦୦ ମସିହାରେ ସେ ଏବଂ ବିଷ୍ଣୁ ଭାଇ ଏକାସାଙ୍ଗରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନସଭାରେ ଏକାଠି ବସିବା ଠାରୁ ଆରମ୍ଭ କରି ଏକା କମିଟିରେ କାର୍ଯ୍ୟ କରିବା ପର୍ଯ୍ୟନ୍ତ ତାଙ୍କ ସହ ଅନେକ ଅଭୁଲା ସ୍ମୃତି ରହିଛି । ଦଳର ପ୍ରାରମ୍ଭିକ ଦିନରେ ଯେତେବେଳେ ହାତଗଣତି କେତେଜଣ ନେତା ଥିଲେ, ସେତେବେଳେ ବିଷ୍ଣୁ ଭାଇ ଅତ୍ୟନ୍ତ ପରିଶ୍ରମୀ ଥିଲେ। ରାମ ଜନ୍ମଭୂମି ଆନ୍ଦୋଳନ ପରେ ଓଡ଼ିଶାରେ ଦଳର ଯେଉଁ ବ୍ୟାପକ ବିସ୍ତାର ଆରମ୍ଭ ହେଲା, ସେଥିରେ ବିଷ୍ଣୁ ଭାଇ ଆମ ଦଳର ମୁଖ୍ୟ ଚେହେରା ସାଜିଥିଲେ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ସମାଜର ଗରିବ ଓ ନିଷ୍ପେସିତ ଲୋକଙ୍କ ପାଇଁ ନିଜର ଭାବନା, ଆବେଗ ଓ ସର୍ବସ୍ୱ ଜଳାଞ୍ଜଳି ଦେଇଥିବା ଏକ ଅନୁଷ୍ଠାନର ନାଁ ହେଉଛି ବିଷ୍ଣୁ ସେଠୀ। ସେ ଜନସେବା, ରାଜନୈତିକ ମୂଲ୍ୟବୋଧ ଏବଂ ଜଣେ ପ୍ରତିଭାବାନ୍ ସାହିତ୍ୟିକ ଭାବେ ଏକ ଲମ୍ବା ରେଖା ଟାଣିଛନ୍ତି।




# ବିଜେପି ସରକାରଙ୍କ ଜନବିରୋଧୀ ନୀତି ସହିତ ରାଜ୍ୟର ସ୍ୱାର୍ଥ ବିରୋଧୀ ନୀତି ବିରୁଦ୍ଧରେ ବିଜେଡ଼ି ଲଢେଇ ଜାରି ରଖିବ



ରାଉରକେଲା,୨୦/୯(ନି/ପ୍ର): ସମ୍ପ୍ରତି ବିଜେପି ସରକାରଙ୍କ ଜନବିରୋଧୀ ନୀତି, ଓଡିଶାର ସ୍ୱାର୍ଥ ବିରଧୀ ନୀତି, ଓଡିଶା ସରକାରଙ୍କ ଦିଶାହୀନତା ବିରୋଧରେ ବିଜୁ ଜନତା ଦଳ ଲଢେଇ ଜାରି ରଖିବା ସହିତ ରାଉରକେଲା ପାଇଁ ପୂର୍ବ ପ୍ରତିଶ୍ରୁତି ପୂରଣ ଓ ବିକାଶ ପାଇଁ ଦାବି କରିବ ବୋଲି ଆଜି ବ୍ରାହ୍ମଣୀ କ୍ଲବ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ସମ୍ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାର, ଓଡିଶାର ସ୍ୱାର୍ଥ ବିରୋଧୀ ନୀତି ସହିତ ଏମ୍ଏମଡିଆର ଆଇନରେ ସଂଶୋଧନ କରି ଓଡିଶାକୁ ଆର୍ଥିକ ଦୁଃସ୍ଥିତି ଆଡକୁ ନେବା ସହ ନିବେଶ ଓ ରୋଜଗାରର ଅଭିବୃଦ୍ଧିରେ ବାଧକ ସାଜିଛି ଏବଂ ଏହା ଉପରେ ଆଲୋଚନା କିମ୍ବା ପର୍ଯ୍ୟାଲୋଚନା ନ କରି ତରବରିଆ ଭାବେ ପାର୍ଲିଆମେଣ୍ଟରେ ଏମ୍ଏମଡିଆର ବିଲ୍ ପାରିତ କରିବା ସହ ଡବଲ ଇଞ୍ଜିନ ସରକାରର ସାଂସଦ ସ୍ୱର ନ ଉଠାଇବା, ଓଡିଶା ସରକାର ଏଥିପାଇଁ ଚୁପ୍ ରହିବା ବିରୁଦ୍ଧରେ ବିଜେଡି ତରଫରୁ ପ୍ରତିବାଦ ସହିତ ଆନ୍ଦୋଳନ ଜାରି ରହିଛି ଓ ରହିବ ବୋଲି ବିଜେଡି ତରଫରୁ କୁହାଯାଇଛି । ସେହିପରି ରାଜ୍ୟ ସରକାରର ଦିଶାହୀନତା ଯୋଗୁଁ ରାଜ୍ୟରେ ଆବଶ୍ୟକୀୟ ବିକାଶର ଲକ୍ଷ୍ୟ ସାଧନ ବ୍ୟାହତ ହେବ ବୋଲି କୁହାଯିବା ସହ ବିଦ୍ୟାଳୟର ପାଠ୍ୟପୁସ୍ତକ ମହାବିଭ୍ରାଟ ବିରୁଦ୍ଧରେ ଯୁବ ବିଜେଡି ସୁନ୍ଦରଗଡରେ ଆନ୍ଦୋଳନ ଜାରି ରଖିବା ସହ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ସ୍ୱରକୁ ବିଜେଡି ତୀବ୍ର କରିବାକୁ ରାଜରାସ୍ତାକୁ ଓହ୍ଲାଇଛି । ମହଙ୍ଗା ମାଡରେ ମଧ୍ୟବିତ୍ତ ଗରିବ ଅତିଷ୍ଠ ହେଉଥିବା ବେଳେ ତାକୁ ନ ରୋକିବା ପରିବର୍ତ୍ତେ ବୋଝ ଉପରେ ଲଳିତା ବିଡା ସଦୃଶ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ନିୟମାବଳୀ ଜାରି କରି ସାଧାରଣ ଲୋକଙ୍କ ଜୀବନଜୀବିକାକୁ ଦୁର୍ବିସହ କରାଯାଇଛି । ଓଡିଶାରେ ଭାରତର ୪୦ ପ୍ରତିଶତ ଖଣିଜ ସମ୍ପଦ ଥିବାବେଳେ ଓଡିଶା ରାଜସ୍ୱର ସିଂହଭାଗ ଆଦିବାସୀ ବହୁଳ ଅଂଚଳଗୁଡିକର ବିକାଶରେ ଏହାର ଉପଯୋଗିତା ଥିବାବେଳେ ଖଣି ଓ ଖଣିଜ ସମ୍ପଦ ଉପରେ ଏମ୍ଏମଡିଆର ଆଇନ ଭଳି କଳା ଆଇନର ପ୍ରବର୍ତ୍ତନ, ଓଡିଶାର ବେକାରୀ ସମସ୍ୟା, ବେରୋଜଗାରୀ ଦୂର ପାଇଁ କୌଣସି ପଦକ୍ଷେପ ନ ନେବା ସହିତ ପରିବେଶ ପ୍ରଦୂଷଣର ବୋଝ ଜନଜୀବନ ଉପରେ ପ୍ରଭାବର ପ୍ରତିବାଦ କରାଯାଇଛି। ରାଜ୍ୟ ସରକାର ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବାରେ ପ୍ରତିଶ୍ରୁତି ଦେଇଥିବା ବେଳେ ଦଳର ପ୍ରତିଶ୍ରୁତି ରକ୍ଷା କରିପାରି ନାହାନ୍ତି। ଓଡିଶାର ଜନସାଧାରଣଙ୍କ ନେତା ତଥା ବିରୋଧୀ ଦଳର ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଦଳକୁ ଡକାଇ ଏବଂ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦେଇଥିବା ମହାପ୍ରସ୍ତାବ ପରାମର୍ଶକୁ ବିଜେପି ସରକାର ଗ୍ରହଣ କରିନାହାନ୍ତି। ତେଣୁ ଏହା ବିରୁଦ୍ଧରେ ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ନିକଟକୁ ରାଜ୍ୟପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ବିରୋଧୀ ନୀତି ବିରୁଦ୍ଧରେ ଆଦାଳନକୁ ଶାଣିତ କରିବା ଓ ବିଧାନସଭା ସମ୍ମୁଖରେ ବିରୋଧ ପ୍ରଦର୍ଶନକୁ ରାଜ୍ୟ ସଭାପତିଙ୍କ ଦ୍ୱାରା ଅନୁମୋଦିତ କରାଯାଇଛି । ଆକାଶ ଛୁଆଁ ଦରଦାମ୍ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଜନଜାତି ଓ ଦଳିତ ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ଅବିଚାର, ନାରୀ, ଯୁବ, ଛାତ୍ର, କୃଷକ, ଶ୍ରମିକ, ଆନ୍ତଃରାଜ୍ୟ ନଦୀବନ୍ଧ କ୍ଷେତ୍ରରେ ବିଜେପି ରାଜ୍ୟର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଦେବା ପ୍ରସଙ୍ଗରେ ଜନସଚେତନତା ଓ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ରାଉରକେଲାରେ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ, ବିମାନବନ୍ଦର ଆଦି ବିଜେପିର ଅପାରଗତା ଯୋଗୁ ଆଜି ବନ୍ଦ ହୋଇଯାଇଛି । ଓଡିଶାର ଶିକ୍ଷ ଅଭିବୃଦ୍ଧିକୁ ବିଜେପି ସରକାର ରୋକିବା ଦ୍ୱାରା ରାଜ୍ୟର ବିକାଶ ବାଧାପ୍ରାପ୍ତ ହୋଇଛି । ମଧ୍ୟମ କ୍ଷୁଦ୍ର ଶିଳ୍ପ ବନ୍ଦ ହୋଇଛି, ନିଯୁକ୍ତି ବନ୍ଦ ହୋଇଛି । ବିଜେପି ସରକାର ବିରୁଦ୍ଧରେ ରାଜ୍ୟ ତଥା ଜିଲ୍ଲାବାସୀ ଏକଜୁଟ ହୋଇ ଏହାର ଉପଯୁକ୍ତ ଜବାବ ଦେବାକୁ ଆଜି ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡ଼ି ଉପସଭାପତି ଦେବୀପ୍ରସାଦ ମିଶ୍ର, ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ଜୟନ୍ତ କୁମାର ମିଶ୍ର, ପ୍ରଶାନ୍ତ ସେଠୀ, ବିରେନ ସେନାପତି, ସୁଦାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନ ଗଣେଶ ପୂଜାରେ ପ୍ରେମ ମନ୍ଦିର ଦେଖିବାକୁ ପ୍ରବଳ ଭିଡ

ଭୁବନ,୨୦/୯(ନି/ପ୍ର):ଢେଙ୍କାନାଳ ଜିଲ୍ଲା ଭୁବନ ସହରରେ ଗତ ସୋମବାର ଠାରୁ ୨୧ ଟି ପୂଜା ମଣ୍ଡପରେ ପ୍ରଭୁ ଗଜାନନ ଙ୍କ ପୂଜା ଅନୁଷ୍ଠିତ ହେଉଛି । ୨୦୧୩ ମାଟ୍ରିକ ବ୍ୟାଚ୍ ଫ୍ରେଣ୍ଡସିପ କ୍ଲବ୍ ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ହାଇସ୍କୁଲ ପଡ଼ିଆ ( ମିନି ଷ୍ଟାଡିୟମ) ରେ ବୃନ୍ଦାବନ ପ୍ରେମ ମନ୍ଦିର ର ଅବିକଳ ନକଲ କରି ରାଧାକୃଷ୍ଣ ଙ୍କ ସମେତ ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜା କରୁଛି। ବୃନ୍ଦାବନ ପ୍ରେମ ମନ୍ଦିର ଦେଖିବାକୁ ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ଭିଡ ହେଉଛି । ଶନିବାର ପବିତ୍ର ରାଧାଷ୍ଟମୀ ଉପଲକ୍ଷେ ଅପରାହ୍ନ ୫ ଘଟିକା ଠାରୁ ହାଇସ୍କୁଲ ପଡ଼ିଆ ଲୋକାରଣ୍ୟ ହୋଯାଇଥିଲା। ସନ୍ଧ୍ୟା ପରଠାରୁ କାଳୀ ବଜାର ଠାରୁ ନୂଆ ବଜାର,ବ୍ଲକ ରୋଡ ଜନ ସମୁଦ୍ର ପାଲଟିଛି । ପ୍ରବଳ ଜନ ସମାଗମ ପାଇଁ ଅପରାହ୍ନ ୫ ଘଟିକା ଠାରୁ ରାତ୍ର ୧୦ ଘଟିକା ଯାଏ ଟ୍ରାଫିକ ନିୟନ୍ତ୍ରଣ କଡ଼ାକଡ଼ି କରାଯାଇଛି। ଢେଙ୍କାନାଳ ପଟୁ ଅଟୋ,ବୋଲେରୋ, କାର ନେଇ ଆସୁଥିବା ଦର୍ଶକ ମାନେ ଗୋଡ଼ି ପୋଖରୀ ଛକ ରୁ ଉତର ଦିଗ ସିନେମା ହଲ ରୋଡରେ ଆସି ଗାଡ଼ି ପାର୍କି କରି ହାଇସ୍କୁଲ ପଡ଼ିଆକୁ ଯାଇପାରିବେ । ଯାଜପୁର ପଟୁ ଆସୁଥିବା ଦର୍ଶକ ମାନେ ନୀଳମାଧବ ପେଟ୍ରୋଲ ପମ୍ପ ଛକ ରୁ ବାଇପାସ୍ ଦେଇ ଯାତ୍ରା ପଡିଆ ଏବଂ କାମାକ୍ଷା ନଗର ପଟୁ ଆସୁଥିବା ଦର୍ଶକ ମାନେ ବାଇପାସ୍ କୋର୍ଟ ଛକ ଦେଇ ଯାତ୍ରା ପଡିଆରେ ସେମାନଙ୍କର ଚାରି ଚକିଆ ଗାଡ଼ି ରଖି ପୂଜା ମଣ୍ଡପ ବୁଲି ଦେଖିବାକୁ ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ରେଣୁବାଳା ସାହୁ ସୂଚନା ଦେଇଛନ୍ତି। ବାଇକ୍ ଆରୋହୀଙ୍କ ପାଇଁ ନୂଆ ବଜାର ଗୋଲାଘର ଛକ ରୁ ହାଇସ୍କୁଲ ପଡ଼ିଆକୁ ଯିବାକୁ ସମ୍ପୂର୍ଣ ବାରଣ କରାଯାଇ ୱାନ ୱେ ରୁଟ୍ କରାଯାଇଛି। ହୋଣ୍ଡା ସୋ ରୁମ୍ ଗଳି ଦେଇ ହାଇସ୍କୁଲ ଓ ଗାର୍ଲ୍ସ ହାଇସ୍କୁଲ ପାଚେରୀ କଡରେ ବାଇକ୍ ରଖିବାକୁ କୁହାଯାଇଛି। ଫ୍ରେଣ୍ଡସିପ କ୍ଲବ୍ ତରଫରୁ ଶନିବାର ସନ୍ଧ୍ୟାରେ ଜାଭେଦ ଡ୍ୟାନ୍ସ ଗ୍ରୁପ୍,ରବିବାର ସନ୍ଧ୍ୟାରେ ସୌରଭ ଭରଦ୍ୱାଜ କୈବଲ୍ୟ ଭଜନ ମଂଚ ଓ ସୋମବାର ଡି ଜେ ନାଇଟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଏଥିପାଇଁ ଆହୁରି ପ୍ରବଳ ଭିଡ ହେବ ବୋଲି ଆଶା କରାଯାଉଛି।

## ବ୍ରାହ୍ମଣ କଲ୍ୟାଣ ସଭାର ନବନିର୍ବାଚିତ ଅଧ୍ୟକ୍ଷ ହେଲେ ପ୍ରଦ୍ୟୁମ୍ନ ଶର୍ମା, ସମ୍ପାଦକ ସଞ୍ଜୟ ସିଖୱାଲ



ରାଉରକେଲା,୨୦/୯(ନି/ପ୍ର): ରାଉରକେଲାର ସାମାଜିକ ସଂଗଠନ 'ବ୍ରାହ୍ମଣ କଲ୍ୟାଣ ସଭା'ର ବାର୍ଷିକ ସାଧାରଣ ସଭା ଅମର ଭବନ ପରିସରରେ ଆଜି ରବିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨:୩୦ ପର୍ଯ୍ୟନ୍ତ ଚାଲିଥିଲା। ସର୍ବପ୍ରଥମେ ଭଗବାନ ଗଣେଶଙ୍କ ନିକଟରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ବ୍ରାହ୍ମଣ କଲ୍ୟାଣ ସଭାର ଅଧ୍ୟକ୍ଷ ବିନୟ ଶର୍ମା, ଉପାଧ୍ୟକ୍ଷ ଟିଙ୍କୁ ଚୌମାଲ, ଦିଲ୍ଲୀପ ଶର୍ମା, କୋଷାଧ୍ୟକ୍ଷ ଜୟପ୍ରକାଶ ଶର୍ମା, ପୂର୍ବତନ ଅଧ୍ୟକ୍ଷ ମନୋହର ଲାଲ ମହର୍ଷି, ଜଗଦୀଶ ହରିତ, ଜୁଗଲ କିଶୋର ଶର୍ମା, ଭଁବରଲାଲ ଚୋଟିଆ, ଶ୍ରବଣ ପାରୀକ, ମୁରାରୀ ଲାଲ ଚୌମାଲ, ବରିଷ୍ଠ ସଦସ୍ୟ ସୁଭାଷ ଯୋଶୀ, ଶିବ ଶଙ୍କର ଶର୍ମା, ସୁରେଶ ଶର୍ମା, ପୁରୁଷୋତମ ଚୌମାଲ, ଅଜୟ ଶର୍ମା, ଶିବ ଶଙ୍କର ଶର୍ମାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହା ପରେ ଅଧ୍ୟକ୍ଷ ବିନୟ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ଜେ.ପି. ଶର୍ମା ଆୟ-ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଅନ୍ୟପଟେ ପୂର୍ବତନ ଅଧ୍ୟକ୍ଷମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ, ଯେଉଁଥିରେ ସମାଜର ଯୁବବର୍ଗଙ୍କୁ ଯୋଡ଼ିବା ସହ ସମାଜର ଉନ୍ନତି କରିବା, ଆପୋଷ ମତଭେଦ ଭୁଲି ସମାଜକୁ ଏକତା ସୂତ୍ରରେ ବାନ୍ଧିବା, ବ୍ରାହ୍ମଣ ସମାଜ ଦ୍ୱାରା ପ୍ରତିଷ୍ଠିତ ହନୁମାନ ବାଟିକା ଓ ଭଗବାନ ପରଶୁରାମ ମନ୍ଦିରର ରକ୍ଷଣାବେକ୍ଷଣ ସହ ସମାଜର ଜମି 'ବେଦବ୍ୟାସ'ର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ସମାଜ ଦ୍ୱାରା ଦୀପାବଳି ମିଳନ, ହୋଲି ମିଳନ, ଭଗବାନ ପରଶୁରାମ ଜୟନ୍ତୀ, ଶ୍ରାବଣୀ କର୍ମ ପୂଜା ସମେତ ଅନ୍ୟାନ୍ୟ ପର୍ବପର୍ବାଣିକୁ ପୂର୍ଣ୍ଣ ଦାୟିତ୍ୱର ସହ ପାଳନ କରିବା ଏବଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯୋଡ଼ି ସମାଜକୁ ଆଗକୁ ନେବା ପାଇଁ ସମସ୍ତେ ନିଜ ନିଜର ମତ ରଖିଥିଲେ। ମତଭେଦ ଭୁଲି ସମାଜକୁ ଦ୍ରୁତ ଗତିରେ ଆଗକୁ ନେବା, ଯୁବବର୍ଗଙ୍କୁ ଅଧିକରୁ ଅଧିକ ଯୋଡ଼ିବା ଏବଂ କମିଟିର ସମସ୍ତ କର୍ମକର୍ତ୍ତା ଏକତାର ମାର୍ଗରେ ଚାଲିବା ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏହା ପରେ ବର୍ଷ ୨୦୨୬-୨୭ ପାଇଁ ନୂତନ କାର୍ଯ୍ୟକାରିଣୀ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ ପୂର୍ବତନ ଅଧ୍ୟକ୍ଷ ଜଗଦୀଶ ହରିତ, ମୁରାରୀ ଲାଲ ଚୌମାଲ ଓ ସନ୍ତୋଷ ପାରୀକଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଏଥିରେ ଅଧ୍ୟକ୍ଷ: ପ୍ରଦ୍ୟୁମ୍ନ ଶର୍ମା, ଉପାଧ୍ୟକ୍ଷ ମନୀଷ ଲୋୟଲକା, ପ୍ରମୋଦ ଶର୍ମା, ସମ୍ପାଦକ: ସଞ୍ଜୟ ସିଖୱାଲ, ସହ-ସମ୍ପାଦକ: ଅମିତ ଶର୍ମା, ଅଜୟ କୁମାର ଶର୍ମା, କୋଷାଧ୍ୟକ୍ଷ: କୁଶଳ ଶର୍ମା, ନିର୍ବାଚିତ ହୋଇଥିଲେ। ଶେଷରେ ଦିଲ୍ଲୀପ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ମଂଚ ସଚାଳନ ରାଜେଶ ଶର୍ମା କରିଥିଲେ।

## ସୋସିଆଲ ମିଡିଆ ପୋଷ୍ଟ ବିରୋଧରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏଫଆଇଆର ଦାବି

### ସୋନିଆ ଗାନ୍ଧୀଙ୍କର ଆପତିଜନକ ଏଆଇ ଫଟୋ ପ୍ରସାରଣ ଅଭିଯୋଗ



ରାଉରକେଲା,୨୦/୯(ନି/ପ୍ର): ସୋସିଆଲ ମିଡିଆରେ ଏଆଇ ମାଧ୍ୟମରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଆପତ୍ତିଜନକ ଫଟୋ ପୋଷ୍ଟ ବିରୋଧରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଉଦିତନଗର ଥାନାରେ ଏଫ୍ଆଇଆର ରୁଜୁ କରାଯାଇଛି। କଂଗ୍ରେସ ପକ୍ଷରୁ ମଦନ ମୋହନ ଦୀକ୍ଷିତଙ୍କ ବିରୋଧରେ ଅଭିଯୋଗ, ତଦନ୍ତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଏହି ଏଫ୍ଆଇଆର ରୁଜୁ କରାଯାଇଛି। ସୋସିଆଲ ମିଡିଆରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଆପତ୍ତିଜନକ ଏବଂ ଏଆଇ-ଜେନେରେଟେଡ୍ ଫଟୋ ପ୍ରସାରଣ ସମ୍ପର୍କରେ ଉଦିତନଗର ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଛି। ଅଭିଯୋଗକାରୀ ମଦନ ମୋହନ ଦୀକ୍ଷିତଙ୍କ ବିରୋଧରେ ଏକ ଏଫଆଇଆର ଦାଖଲ କରିଛନ୍ତି ଜିଲ୍ଲା କଂଗ୍ରେସର ସଭାପତି ଏବଂ ଅନ୍ୟାନ୍ୟ କର୍ମୀ। ଏଥିସହିତ ଏହି ମାମଲାରେ ତଦନ୍ତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଅଭିଯୋଗ ପତ୍ରରେ ଅଭିଯୋଗ କରାଯାଇଛି ଯେ, ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ଫଟୋରେ ସୋନିଆ ଗାନ୍ଧୀଙ୍କୁ ଆପତିଜନକ ଏବଂ ଅପମାନଜନକ ଭାବରେ ଦର୍ଶାଯାଇଛି। ଅଭିଯୋଗକାରୀଙ୍କ ଅନୁଯାୟୀ, ଏହି ଫଟୋ ପ୍ରକୃତ ଘଟଣା କିମ୍ବା ଫଟୋଗ୍ରାଫ୍ ନୁହେଁ, ବରଂ କୃତ୍ରିମ ଭାବରେ ସୃଷ୍ଟି କରାଯାଇଥିବା ପରି ମନେ ହେଉଛି। ଅଭିଯୋଗରେ ପୋଲିସକୁ ସମ୍ପୃକ୍ତ ସୋସିଆଲ ମିଡିଆ ଆକାଉଟଂ ଏବଂ ପୋଷ୍ଟଗୁଡ଼ିକର ତଦନ୍ତ କରିବା ସହିତ ମୂଳ ପୋଷ୍ଟ ଏବଂ ଉଲ୍ ଇୟୁଆଇଏଲ୍/ଲିଙ୍କ୍ ସମେତ ଡିଜିଟାଲ୍ ପ୍ରମାଣ ସଂରକ୍ଷଣ କରିବାକୁ ଏବଂ ମାମଲାର ତଦନ୍ତ କରିବାକୁ ଦାବି କରାଯାଇଛି। କଂଗ୍ରେସ ପକ୍ଷରୁ ଦାଖଲ କରାଯାଇଥିବା ଏହି ଏଫ୍ଆଇଆରରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ପ୍ରବୋଧ ଦାସ, ସୌମ୍ୟରଞ୍ଜନ ଦାସ, ପୂର୍ବତନ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ଝରଣା ତ୍ରିପାଠୀ, କଂଗ୍ରେସ ଜିଲ୍ଲା ସଭାପତି ସବୀର ହୁସେନ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରଶ୍ମିରଞ୍ଜନ ପାଢ଼ୀ, ଶିବୁ ଦୀପ୍, ଖଦାଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ମାମଲାରେ ୨ ଗିରଫ, ୫ ଚୋରା ବାଇକ ଉଦ୍ଧାର

ଜୟପୁର,୨୦/୯(ନି/ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଂଚଳରୁ ଦୀର୍ଘଦିନ ଧରି ଚୋରି ଓ ଡକାୟତି ବୃଦ୍ଧି ପାଉଥିବା ବେଳେ ଆଜି ବୋରିଗୁମ୍ମା ପୋଲିସ ପକ୍ଷରୁ ଏକ ବାଇକ ଲୁଟେରା ଗ୍ୟାଙ୍ଗ କୁ କାବୁ କରାଯାଇଛି, ଗ୍ୟାଙ୍ଗ ର ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି ପୋଲିସ । ସମାନଙ୍କ ଠାରୁ ଚୋରି ହୋଇଥିବା ୫ ଗୋଟି ବାଇକ କୁ ଉଦ୍ଧାର କରିଛି ପୋଲିସ, ବାଇକ ଲୁଟେରା ଗ୍ୟାଙ୍ଗର ଦୁଇଜଣ ବୋରିଗୁମ୍ମା ଥାନା କୋଣାଗାଁ ର ଯୁଗଲ ହରିଜନ ଏବଂ କୋଟପାଡ଼ ଥାନା ଡାଙ୍ଗରୀଗୁଡାର ଚନ୍ଦ୍ର ହରିଜନକୁ ଗିରଫ କରାଯାଇଛି, ୨୯/୭/୨୬ ବୋରିଗୁମ୍ମା ଏବଂ ୧୩/୯/୨୬ କଣା ଗାଁ ରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା ଅଭିଯୋଗ ଆଧାର ତଦନ୍ତ ଆରମ୍ଭ କରିଥିଲା ପୋଲିସ କୋଣାଗାଁ ର ଅଭିଯୁକ୍ତ ଯୁଗଳଙ୍କୁ ସୋନ୍ଦେହ ଘେରରେ ରଖିଥିଲା ପୋଲିସ ତାକୁ ରଖି ପୋଚରା ଉଚ୍ଚରା କରିବା ପରେ ସହଯୋଗୀ ଚନ୍ଦ୍ର ହରିଜନଙ୍କୁ ଗିରଫ କରିଥିଲା

## ମ୍ୟାଲେରିଆ ମୁକ୍ତ ଅଭିଯାନ ପଚାଂୟତ ନେତୃତ୍ୱରେ ବଣ୍ଡାଘାଟିରେ ଜନଆନ୍ଦୋଳନ

ମାଲକାନଗିରି,୨୦/୯(ନି/ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ବଣ୍ଡାଘାଟିର ମୁଦୁଲିପଡ଼ା ଗ୍ରାମ ପଂଚାୟତରେ ମ୍ୟାଲେରିଆ ମୁକ୍ତ ଅଭିଯାନ ଆରମ୍ଭ ହୋଇଯାଇଛି। ମ୍ୟାଲେରିଆ ନିରାକରଣକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ପିରାମଲ୍ ଫାଉଣ୍ଡେସନ୍, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ମିଳିତ ଅନୁକୂଲ୍ୟରେ ଏବଂ ମୁଦୁଲିପଡ଼ା ଗ୍ରାମ ପଂଚାୟତର ପ୍ରତ୍ୟକ୍ଷ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ସମ୍ବାରୀ ମୁଦୁଲି ପୌରୋହିତ୍ୟ ଅଧ୍ୟକ୍ଷତା କରିଥିବା ବେଳେ ସରପଂଚ ସମ୍ବାରୀ ଧାଙ୍ଗଡ଼ା ମାଝୀ, ନାଏବ ସରପଂଚ ସୂର୍ଯ୍ୟ କିର୍ସାନୀ ଏବଂ ତୁଲାଗୁରୁମ୍ ର ୱାର୍ଡ ମେମ୍ବର ଶୁକ୍ର କିର୍ସାନୀ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ। ଆସନ୍ତୁ, ମିଶିକରି ମ୍ୟାଲେରିଆକୁ ରୋକିବା ପ୍ରତ୍ୟେକ ଜ୍ୱର ପରୀକ୍ଷା କରିବା, ପ୍ରତ୍ୟେକ ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ଦେବା ସ୍ଲୋଗାନ୍ ସହ ଶୁଭାରମ୍ଭ ହୋଇଥିବା ଏହି ଅଭିଯାନରେ ଗ୍ରାମର ପ୍ରତ୍ୟେକ ପରିବାରକୁ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପିରାମଲ୍ ଫାଉଣ୍ଡେସନ୍ ର ସ୍ୱେଚ୍ଛାସେବୀମାନେ ଗାଁ ଗାଁକୁ ଯାଇ ମ୍ୟାଲେରିଆ ପ୍ରତିରୋଧ ବିଷୟରେ ଜନସାଧାରଣଙ୍କୁ ବୁଝାଇବେ। ପ୍ରତିଦିନ ରାତିରେ ଶୋଇବା ସମୟରେ ନିୟମିତ ଭାବେ ମଶାରି ବ୍ୟବହାର କରି ପରିବାରକୁ ମଶା କାମୁଡ଼ାରୁ ସୁରକ୍ଷିତ ରଖନ୍ତୁ। ଜ୍ୱରକୁ ହାଲୁକା ଭାବେ ନନେଇ ତୁରନ୍ତ ମ୍ୟାଲେରିଆ ପରୀକ୍ଷା କରାନ୍ତୁ ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହାୟତା ନିଅନ୍ତୁ।

## ବିଭିନ୍ନ ଗଣେଶ ପୂଜା କମିଟି ପକ୍ଷରୁ ବିସର୍ଜନ ଶୋଭାଯାତ୍ରା



ରାଉରକେଲା,୨୦/୯(ନି/ପ୍ର): ରାଉରକେଲା ସହରର ବିଭିନ୍ନ ଗଣେଶ ପୂଜା କମିଟି ପକ୍ଷରୁ ଆଜି ରବିବାର ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଢୋଲ-ମହୁରୀ ଓ ବାଜା ରୋଷଣି ସହ ବିସର୍ଜନ ଶୋଭାଯାତ୍ରା ବାହାର କରାଯାଇଥିଲା। ଏହାକୁ ନେଇ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ବିସ୍ରା ଛକରୁ ଉଦିତନଗର ଆମ୍ବେଦକର ଛକ ପର୍ଯ୍ୟନ୍ତ ବିଭିନ୍ନ ପୂଜା କମିଟି ପକ୍ଷରୁ ମୂର୍ତି ବିସର୍ଜନ ନିମନ୍ତେ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କୁ ମଧ୍ୟ ମୁତୟନ କରାଯାଇଥିଲା। ଅନ୍ୟପଟେ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ବେକରେ ସ୍ୱେଚ୍ଛାସେବୀ (ଠକ୍ଷକ୍ଷ-ଙ୍କଭତ୍ତ୍ୱରରକ୍ଷ୍ୱ) କାର୍ଡ ପିନ୍ଧି ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା। ଏହି କ୍ରମରେ ବିସ୍ରା ଛକ ନବଯୁବକ ସାଂସ୍କୃତିକ ସମିତି ପୂଜା କମିଟି ପକ୍ଷରୁ ବିସର୍ଜନ ଶୋଭାଯାତ୍ରା ବାହାର କରାଯାଇଥିଲା। ପ୍ରଭୁ ଗଣେଶଙ୍କ ବିଶାଳ ମୂର୍ତ୍ତିକୁ ଏକ ବଡ଼ ଟ୍ରକରେ ସୁସଜ୍ଜିତ କରି ବିସର୍ଜନ ଶୋଭାଯାତ୍ରା ବାହାର କରାଯାଇଥିଲା। ଢୋଲ-ବାଜା ସହ କମିଟି ସଦସ୍ୟଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ରାଉରକେଲା ସହରର ବିଭିନ୍ନ ପୂଜା କମିଟି, ଖାସକରି ଡେଲି ମାର୍କେଟ୍ ନବଯୁବକ ଯୁବ ସଂଘ ଗଣେଶ ପୂଜା ସମିତି ଏବଂ ମାରୁ ମହାରାଜ ଲେନ୍ 'ଶ୍ରୀ ଗଣପତି କୃପା ପୂଜା କମିଟି' ପକ୍ଷରୁ ମଧ୍ୟ ଢୋଲ-ମହୁରୀ ସହ ବିଶାଳ ବିସର୍ଜନ ଶୋଭାଯାତ୍ରା ବାହାର କରାଯାଇଥିଲା। ଏହାକୁ ନେଇ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିଲା। କମିଟିର ସଦସ୍ୟମାନେ ଏକାପରସ୍ପରକୁ ଗୁଲାଲ ଲଗାଇ ଏହି ବିସର୍ଜନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଆରଏସପିର ଇସ୍ପାତ ଜେନେରାଲ ହସପିଟାଲର ଚକ୍ଷୁ ବିଶେଷଜ୍ଞମାନେ ବୁକାଲ ମ୍ୟୁକସ ମେମ୍ବ୍ରେନ ଏବଂ ଲିମ୍ବାଲ ଷ୍ଟେମ ସେଲ ଟ୍ରାନ୍ସପ୍ଲାଂଟ କଲେ

ରାଉରକେଲା,୨୦/୯(ନି/ପ୍ର): ସେଲ, ଆରଏସପିର ଇସ୍ପାତ ଜେନେରାଲ ହସପିଟାଲ ର ଚକ୍ଷୁ ବିଶେଷଜ୍ଞମାନେ ଏକ ଅତ୍ୟନ୍ତ ବିଶେଷଜ୍ଞ ବୁକାଲ ମ୍ୟୁକସ ମେମ୍ବ୍ରେନ ଗ୍ରାଫ୍ଟିଂ ସହିତ ଲିମ୍ବାଲ ଷ୍ଟେମ ସେଲ ଟ୍ରାନ୍ସପ୍ଲାଂଟେସନ ସଫଳତାର ସହିତ କରି ହସପିଟାଲର ରୋଗୀ ସେବା ପଦକ୍ଷେପରେ ଏକ ନୂତନ ଅଧ୍ୟାୟ ଯୋଡିଛନ୍ତି, ଯାହା ସେଲ ହସପିଟାଲ ନେଟୱାର୍କ ମଧ୍ୟରେ ସର୍ବପ୍ରଥମ ଏପରି ପ୍ରକ୍ରିୟା। ଏହି ଜଟିଳ ପ୍ରକ୍ରିୟା ସେପଟ୍ମ୍ବେର, ୮ ତାରିଖ ରେ କୁତ୍ରା ର ୬୦ ବର୍ଷୀୟା ମହିଳା ଶ୍ରୀମତୀ କୁନି ତିର୍କୀଙ୍କ ଉପରେ କରାଯାଇଥିଲା, ଯିଏ ଗୁରୁତର ଲିମ୍ବାଲ ଷ୍ଟେମ ସେଲ ଅଭାବ ସହିତ ଷ୍ଟିଭେନ୍ସ-ଜନସନ ସିଣ୍ଡ୍ରୋମ (ଏସ.ଯେ.ଏସ) ରେ ପୀଡିତ ଥିଲେ। ଏହି ସ୍ଥିତି ଆଖିର ପୃଷ୍ଠଭାଗ ଏବଂ ମ୍ୟୁକୋସାଲ ଟିସ୍ୟୁର ବ୍ୟାପକ କ୍ଷତି ଘଟାଇଥିଲା, ଯାହା ଆଖିର ସାଧାରଣ ସଂରଚନା ଏବଂ କାର୍ଯ୍ୟକାରିତାକୁ ପ୍ରଭାବିତ କରିଥିଲା। ଏହି ଅସ୍ତ୍ରୋପଚାରରେ ଗାଲର ଭିତର ଭାଗରୁ ସୁସ୍ଥ ମ୍ୟୁକୋସାଲ ଟିସ୍ୟୁ ବାହାର କରି କ୍ଷତିଗ୍ରସ୍ତ ଆଖିର ପୃଷ୍ଠଭାଗକୁ ପୁନରୁଦ୍ଧାର କରିବା ପାଇଁ ବ୍ୟବହାର କରାଯାଇଥିଲା, ଏହା ସହିତ ଆଖିର ପୃଷ୍ଠଭାଗର ପୁନରୁଦ୍ଧାରକୁ ସମର୍ଥନ କରିବା ପାଇଁ ଲିମ୍ବାଲ ଷ୍ଟେମ ସେଲର ଟ୍ରାନ୍ସପ୍ଲାଂଟେସନ କରାଯାଇଥିଲା। ଆଇଜିଏଚ୍ ର ଚକ୍ଷୁ ଚିକିତ୍ସା ବିଭାଗର ମୁଖ୍ୟ ପରାମର୍ଶଦାତା ତଥା ବିଭାଗୀୟ ମୁଖ୍ୟ ଡାକ୍ତର ଅନିମା ତିଗାଙ୍କ ନେତୃତ୍ୱରେ ଏହି ପ୍ରକ୍ରିୟା ସଫଳତାର ସହିତ କରାଯାଇଥିଲା। ଏହି ସଫଳତା ଆଇଜିଏଚ୍ ରେ ଉପଲବ୍ଧ ବିଶେଷଜ୍ଞ ଚକ୍ଷୁ ଚିକିତ୍ସା ପ୍ରକ୍ରିୟାର ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ସୂଚିତ କରେ ଏବଂ ବିଶେଷଜ୍ଞ ଜ୍ଞାନକୌଶଳ ଏବଂ ସୂକ୍ଷ୍ମ ଯତ୍ନ ଆବଶ୍ୟକ କରୁଥିବା ଜଟିଳ ପୁନରୁଦ୍ଧାରକାରୀ ଆଖି ଅସ୍ତ୍ରୋପଚାର କରିବାର ହସପିଟାଲର କ୍ଷମତାକୁ ଦର୍ଶାଏ। ରୋଗୀଙ୍କ ଆର୍ଥିକ-ସାମାଜିକ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆରଏସପି ପ୍ରବନ୍ଧନ ଅସ୍ତ୍ରୋପଚାର ସହିତ ଜଡିତ ଚିକିତ୍ସା ଖର୍ଚ୍ଚ ଛାଡ କରି ସହାୟତାର ହାତ ବଢାଇଥିଲେ, ଯାହା ରୋଗୀ ଏବଂ ତାଙ୍କ ପରିବାରକୁ ଉଲ୍ଲେଖନୀୟ ଆଶ୍ୱାସନା ପ୍ରଦାନ କରିଥିଲା।

## ରାଉରକେଲା ରେ ୪୩ତମ ରାଜ୍ୟ ସାଇକ୍ଲିଂ ଚାମ୍ପିୟନସିପ୍

### ୧୨୨ ଜଣ ଆଥଲେଟଙ୍କ ସହ ଶୁଭାରମ୍ଭ



ରାଉରକେଲା,୨୦/୯(ନି/ପ୍ର): ୪୩ତମ ରାଜ୍ୟ ସାଇକ୍ଲିଂ ଚାମ୍ପିୟନସିପ୍ ସେପଟ୍ମ୍ବେର ୧୯ ତାରିଖ ରେ ରାଉରକେଲା ଇସ୍ପାତ ସହରାଚଂଳରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି, ଯେଉଁଥିରେ ସେପଟ୍ମ୍ବେର ୧୯ ରୁ ୨୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନି ଦିନିଆ ଉଚ୍ଚ-ସ୍ତରୀୟ ପ୍ରତିଯୋଗିତା ପାଇଁ ସମଗ୍ର ରାଜ୍ୟରୁ ୧୨୨ ଜଣ ଶ୍ରେଷ୍ଠ ସାଇକେଲ ଚାଳକ ଏକାଠି ହୋଇଛନ୍ତି। ଏହି ପ୍ରତିଷ୍ଠିତ ଟୁର୍ନାମେଣ୍ଟରେ ଆଥଲେଟମାନେ ତିନୋଟି ବୟସ ବର୍ଗରେ ପ୍ରତିନିଧିତ୍ୱ କରୁଛନ୍ତି: ୧୪ ବର୍ଷରୁ କମ୍, ୧୮ ବର୍ଷରୁ କମ୍ ଏବଂ ୨୩ ବର୍ଷରୁ କମ୍। ସହରର ରିଂ ରୋଡରେ ସକାଳୁ ଉତ୍ସାହପୂର୍ଣ୍ଣ ଟାଇମ୍ ଟ୍ରାଏଲ୍ ସହିତ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ୧୪ ବର୍ଷରୁ କମ୍ ସାଇକେଲ ଚାଳକମାନେ ୧୦ କିଲୋମିଟର ଟ୍ରାକରେ ସେମାନଙ୍କର ବେଗ ପ୍ରଦର୍ଶନ କରିଥିବା ବେଳେ ୧୮ ବର୍ଷରୁ କମ୍ ଏବଂ ୨୩ ବର୍ଷରୁ କମ୍ ପ୍ରତିଯୋଗୀମାନେ ୨୦ କିଲୋମିଟରର ଏକ କଠିନ ଦୂରତାରେ ସେମାନଙ୍କର ସହନଶୀଳତା ପରୀକ୍ଷା କରିଥିଲେ। ଓଡ଼ିଶା ସାଇକ୍ଲିଂ ଆସୋସିଏସନର ସଭାପତି, ଅର୍ଜୁନ ପୁରସ୍କାର ପ୍ରାପ୍ତ ଶ୍ରୀମତୀ ମିନତି ମହାପାତ୍ର ଏବଂ ସ୍ଥାନୀୟ ବରିଷ୍ଠ ସାଇକେଲ ଚାଳକ ଶ୍ରୀ ସୁବାଷ ଦାସଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ୧୨୨ ଜଣ ପ୍ରତିଯୋଗୀ ଶୀର୍ଷ ସମ୍ମାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ, ଆଗାମୀ ଦୁଇ ଦିନ ମଧ୍ୟରେ ଚାମ୍ପିୟନସିପ୍ ଆଗକୁ ବଢ଼ିବା ସହିତ ସହରାଚଂଳ ଆଉ ଦୁଇ ଦିନର ତୀବ୍ର ଏବଂ ଦ୍ରୁତ ଗତିସମ୍ପନ୍ନ ରେସିଂ ପାଇଁ ପ୍ରସ୍ତୁତ ଅଛି।